# ଜାତୀୟ ଚେତନା

ଅଭିବ୍ୟକ୍ତିର ଶାଣିତ ସ୍ୱର

RNI Regd No: ODIODI/2017/74521

JATIYA CHETANA

ODIA WEEKLY

ବର୍ଷ-୯ ◆ ସଂଖ୍ୟା- ୩୩ ◆ ଭୁବନେଶ୍ୱର ◆ ସୋମବାର ◆ ଏପ୍ରିଲ ୦୬ରୁ ଏପ୍ରିଲ ୧୨, ୨୦୨୬ ◆ ପୃଷ୍ଠା-୮ ◆ ମୂଲ୍ୟ- ୪ ଟଙ୍କା

Volume-9 ◆ Issue-33 ◆ Bhubaneswar ◆ Monday ◆ April 06 to April 12, 2026 ◆ Page-8 ◆ Price Rs.4.00


# ଏଣିକି ଖୋଲାରେ ମିଳିବନି ଗ୍ୟାସ୍

## କଳାବଜାରୀକୁ ଦୃଢ଼ ହସ୍ତରେ ଦମନ କରୁଛୁ: ମନ୍ତ୍ରୀ

ଭୁବନେଶ୍ୱର,(ଜା.ପ୍ର): ଆଉ ଖୋଲା ବଜାରରେ ମିଳିବନି ଗ୍ୟାସ୍। ଏହା ବେଆଇନ୍। ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହି ସୂଚନା ଦେଇଛନ୍ତି। କେବଳ ସୀକୃତିପ୍ରାପ୍ତ ଦୋକାନୀ ବା ଏଜେନ୍ସି ହିଁ ଗ୍ୟାସ୍ ବିକ୍ରି କରିପାରିବେ ବୋଲି ମନ୍ତ୍ରୀ କହିଛନ୍ତି। ଗ୍ୟାସ୍ ବିକ୍ରି ନେଇ ଇ-କେଓ୍ୱାସି କରାଯିବ। କେବଳ ଯାହା ନାଁରେ କାର୍ଡ ଥିବ ଗ୍ୟାସ ଏଜେନ୍ସିରୁ ସେମାନେ ଗ୍ୟାସ୍ ଟାଙ୍କି ନେଇ ପାରିବେ। ସେହିପରି ୫ ଲିଟର ଗ୍ୟାସ୍ ସମ୍ପୂର୍ଣ୍ଣ ବନ୍ଦ ବୋଲି ଯୋଗାଣ ମନ୍ତ୍ରୀ କହିଛନ୍ତି। ମଧ୍ୟପ୍ରାଚ୍ୟ ଯୁଦ୍ଧ ମଧ୍ୟରେ ଏଲ୍‌ପିଜି ସଙ୍କଟ ଦେଖା ଦେଇଥିବା ବେଳେ ରାଜ୍ୟରେ ଗ୍ୟାସ୍ କଳାବଜାରୀ ରୋକିବା ପାଇଁ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ଖୋଲାଖୋଲି ବଜାରରେ ଗ୍ୟାସ୍ ବିକ୍ରି ହେଉଥିବାରୁ ଗ୍ୟାସ୍ କଳାବଜାରୀ ବ୍ୟାପକ ହେଉଛି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି।





ଏହାଛଡ଼ା ମନ୍ତ୍ରୀ କହିଛନ୍ତି ଯେ ଛାତ୍ରଛାତ୍ରୀ ଯେଉଁମାନେ ୫ ଲିଟର ଗ୍ୟାସ୍ ବ୍ୟବହାର କରୁଛନ୍ତି ସେମାନଙ୍କ କଥା ସରକାର ଚିନ୍ତା କରୁଛନ୍ତି। ପେଟ୍ରୋଲ୍ ଏବଂ ଡିଜେଲ୍ କେନ୍ଦ୍ର ସରକାରଙ୍କ ଦାୟିତ୍ୱରେ ଅଛି। ଯାହା କେନ୍ଦ୍ର ସରକାର ନିଷ୍ପତ୍ତି ନେଉଛନ୍ତି ତାହାକୁ ଆମେ ମାନିବୁ। ସରକାର ଯାହା ନିଷ୍ପତ୍ତି ନେଇଛନ୍ତି ବିଚାର କରି ନେଇଛନ୍ତି। ପେଟ୍ରୋଲ, ଗ୍ୟାସ୍, ଡିଜେଲ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ଅଛି। ନିୟମ ଅନୁସାରେ ସହରାଞ୍ଚଳରେ ୨୫ ଦିନ ଓ ଗ୍ରାମାଞ୍ଚଳରେ ୪୫ ଦିନରେ ଗ୍ୟାସ୍ ମିଳୁଛି। କିନ୍ତୁ ପୂର୍ବ ପରି ଖୋଲାରେ ଆଉ ଗ୍ୟାସ ବିକ୍ରି ହେବନାହିଁ। କଳାବଜାରୀକୁ ରୋକିବା ପାଇଁ ଇ-କେଓ୍ୱାସି କରିଛୁ। ଯେଉଁମାନେ ବୁକିଂ କରିବେ ଓ ଯଦି ସେମାନଙ୍କ ନାଁରେ ଇ-କେଓ୍ୱାଇସି ଥିବ, ତାହାଲେ ସେହିମାନେ ହିଁ ଏଜେନ୍ସିରୁ ଗ୍ୟାସ୍ ପାଇବେ। ଖୋଲାରେ ଗ୍ୟାସ୍ ମିଳିବ ନାହିଁ। ନିର୍ଦ୍ଦିଷ୍ଟ ଅବଧିରେ ଗ୍ୟାସ ମିଳିବ। ୫ କେଜି ଗ୍ୟାସ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ ହେବ। ସେ ଗୁଡ଼ିକ ବେଆଇନ। ଗ୍ୟାସ୍ ଓ ପେଟ୍ରୋଲରେ କୌଣସି ସଙ୍କଟ ନାହିଁ। କଳାବଜାରୀ ଉପରେ ସରକାର ସମ୍ପୂର୍ଣ୍ଣ ନଜର ରଖିବା ସହ ତାକୁ ଦୃଢ଼ ହସ୍ତରେ ଦମନ କରୁଛନ୍ତି ବୋଲି ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି।

ଅନ୍ୟପକ୍ଷରେ ଗୋଟିଏ ପଟେ ଗ୍ୟାସ ସଙ୍କଟ ଦେଖା ଦେଇଥିବା ବେଳେ ଅନ୍ୟ ପଟରେ ଏହାର କଳାବଜାରୀ ରୋକିବାକୁ ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି। ଚଢ଼ଉ କରାଯାଇ ବ୍ୟାପକ ପରିମାଣର ସିଲିଣ୍ଡର ଜବତ କରାଯାଉଛି। ଯାହାକୁ ନେଇ ଦଲାଲମନେ ଏବେ ଛାନିଆ।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଜବତ ସିଲିଣ୍ଡର ମଧ୍ୟରୁ ଅଧିକାଂଶ ହେଉଛି ଡୋମେଷ୍ଟିକ୍। ଅର୍ଥାତ ବହୁଳ ମାତ୍ରାରେ ବ୍ୟବହାର ହେଉଥିବା ସିଲିଣ୍ଡରକୁ ବେଆଇନ ଭାବେ ଗଚ୍ଛିତ ରଖୁଛନ୍ତି କଳାବଜାରୀ, ଆଉ ଚଢ଼ା ଦରରେ ବିକି ମାଲାମାଲ ହେଉଛନ୍ତି। ଆଉ ଯିଏ ଟଙ୍କା ଗଣିପାରିଲା ସଙ୍କଟବେଳେ ହାତେଇଲା, ଯିଏ ନପାରିଲା, ସିଏ କଲବଲ। ବୁକିଂ ପରେ ବି ନିର୍ଦ୍ଦିଷ୍ଟ ସମୟରେ ଘରେ ଆସି ସିଲିଣ୍ଡର ପହଞ୍ଚିପାରୁନଥିବା ଖାଉଟି ଅଭିଯୋଗ ଆଣିଛନ୍ତି। ଏଭଳି କଳାବଜାରୀ ସ୍ଥିତିରେ ଖୋଲାମେଲାରେ ଗ୍ୟାସ୍ ବିକ୍ରିକୁ ବାରଣ କରିଛି ଯୋଗାଣ ବିଭାଗ।

# ଓଡ଼ିଶା ପ୍ରତି ଅତୁଟ ରହିଛି ରେଳବାଇର ପ୍ରତିବଦ୍ଧତା

ଭୁବନେଶ୍ୱର,(ଜା.ପ୍ର): ଓଡ଼ିଶା ପ୍ରତି ଭାରତୀୟ ରେଳବାଇର ପ୍ରତିବଦ୍ଧତା ଅତୁଟ ରହିଛି। ପୂର୍ବତଟ ରେଳବାଇର ବିକାଶ ପ୍ରତି ଭାରତୀୟ ରେଳବାଇ ପ୍ରତିବଦ୍ଧ। ଓଡ଼ିଶାରେ ରେଳ ନେଟୱାର୍କ ସମ୍ପ୍ରସାରଣ, ଷ୍ଟେସନ ଆଧୁନିକୀକରଣ, ବନ୍ଦେ ଭାରତ ସେବା ଏବଂ ପୂର୍ବତଟ ରେଳବାଇ ଅଧୀନରେ ନବଗଠିତ ରାୟଗଡ଼ା ଡିଭିଜନ ଆଦିରେ ରେକର୍ଡ ପୁଞ୍ଜି ବ୍ୟୟ ଏହି ପ୍ରତିବଦ୍ଧତାକୁ ଦର୍ଶାଉଛି। ନବ ଗଠିତ ଦକ୍ଷିଣ ତଟ ଜୋନରେ କେତେକ ଷ୍ଟେସନ ସାମିଲ ନେଇ ଯେଉଁ ଚିନ୍ତା ପ୍ରକଟ କରାଯାଉଛି ଭାରତୀୟ ରେଳବାଇ ଆଜି ତାହା ଉପରେ ସ୍ପଷ୍ଟିକରଣ ରଖି ଏଭଳି କହିଛି। ରେଳବାଇ ପକ୍ଷରୁ କୁହାଯାଇଛି ଯେ ପଲାସା-ଇଚ୍ଛାପୁରମ୍ ସେକ୍ସନ (୫୦ କିଲୋମିଟର)ରେ ୭ଟି ଷ୍ଟେସନ ଯଥା ପଲାସା, ସୁମାଦେବୀ, ମାଣ୍ଡାସା ରୋଡ୍, ବାରୁଭା, ସୋମପେଟା, ଝାଡୁପୁଡି ଏବଂ ଇଚ୍ଛାପୁରମ୍ ରହିଛି। ଏହି ସମସ୍ତ ଷ୍ଟେସନ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍ ଜିଲ୍ଲାରେ ଅବସ୍ଥିତ। ଏହି ଷ୍ଟେସନଗୁଡ଼ିକ ମଧ୍ୟରୁ କୌଣସିଟି ହେଲେ ଓଡ଼ିଶା ମଧ୍ୟରେ ଅବସ୍ଥିତ ନୁହେଁ। ଏହି ଷ୍ଟେସନଗୁଡ଼ିକ ଛୋଟରୁ ମଧ୍ୟମ ଆକାରର ଷ୍ଟେସନ ଯାହା ମୁଖ୍ୟତଃ ଯାତ୍ରୀ ପରିଚାଳନା କରିଥାଏ। ଏଥିମଧ୍ୟରୁ କୌଣସିଟି ଏକ ପ୍ରମୁଖ ମାଲ ପରିବହନ ଷ୍ଟେସନ ନୁହେଁ। ତେଣୁ ପୂର୍ବତଟ ରେଳବାଇର ରାଜସ୍ୱ ପ୍ରଭାବିତ ହେବାର ସମ୍ଭାବନା ନାହିଁ। ଷ୍ଟେସନଗୁଡ଼ିକ ଯେଉଁ ଜୋନ୍ ଅଧିନରେ ଆସିଲେ ବି ସେହିସବୁ ଷ୍ଟେସନରେ ମାଲ ପରିବହନ ନିରବଚ୍ଛିନ୍ନ ଭାବରେ ଜାରି ରହିବ। ସମସ୍ତ ସୀମାରେଖା ମଧ୍ୟରେ ରେଳ ଚଳାଚଳ ନିରବଚ୍ଛିନ୍ନ ଜାରି ରହିବ। ରେଳ ସେବାରେ କୌଣସି ବ୍ୟାଘାତ ଉପୁଜିବ ନାହିଁ। ପଲାସା-ଭୁବନେଶ୍ୱର, ପଲାସା-କଟକ ଏବଂ ଇଚ୍ଛାପୁରମ-କଟକ ମେମୁ/ଯାତ୍ରୀବାହୀ ସେବା ସମେତ ବର୍ତ୍ତମାନ ଚଳାଚଳ କରୁଥିବା ସମସ୍ତ ଟ୍ରେନର କାର୍ଯ୍ୟସୂଚୀ, ମାର୍ଗ କିମ୍ବା ଯାତାୟାତ କୌଣସି ପରିବର୍ତ୍ତନ ବିନା ଜାରି ରହିବ। ବିଶାଖାପାଟନମ୍ ଡିଭିଜନରେ ଯାତ୍ରୀ ସେବାଗୁଡ଼ିକର ସୁଗମ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ପାଇଁ ଏହା ଏକ ବୈଷୟିକ ସଂଶୋଧନ। ପୂର୍ବତଟ ରେଳବାଇ ଏବଂ ଦକ୍ଷିଣ ତଟ ରେଳବାଇ ମଧ୍ୟରେ କର୍ମଚାରୀ ନିୟୋଜନ ସମେତ ସ୍ଥାନାନ୍ତରଣର ପଦ୍ଧତିକୁ ଚୂଡ଼ାନ୍ତ ରୂପ ଦିଆଯାଉଛି। ସମସ୍ତ ରେଳ କର୍ମଚାରୀଙ୍କ ସ୍ୱାର୍ଥ ଏବଂ ସେବା ସର୍ତ୍ତାବଳୀ ନିୟମ ଅନୁଯାୟୀ ସମ୍ପୂର୍ଣ୍ଣ ସୁରକ୍ଷିତ ରହିବ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି। ପଲାସା ଓ ଇଚ୍ଛାପୁରମ୍ ଦକ୍ଷିଣ ତଟ ରେଳୱେ ଜୋନ୍‌ରେ ମିଶିବ ବୋଲି ରେଳବାଇ ପକ୍ଷରୁ ଘୋଷଣା କରାଯିବା ପରେ ତେଜିଛି ବିବାଦ। ପଲାସା ଓ ଇଚ୍ଛାପୁରମକୁ ପୂର୍ବତଟରୁ କାଢ଼ି ଦକ୍ଷିଣତଟ ରେଳବାଇରେ ସାମିଲ କରାଯିବ ବୋଲି ରେଳ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା।

# ୧୩ ପର୍ଯ୍ୟନ୍ତ ଚାଲିବ ପ୍ରଥମ ପର୍ଯ୍ୟାୟ +୨ ଖାତା ଦେଖା

ଭୁବନେଶ୍ୱର,(ଜା.ପ୍ର): ରାଜ୍ୟରେ ସିଏଚ୍‌ଏସ୍‌ଇ ବା +୨ ପରୀଷଦ ପକ୍ଷରୁ ଆୟୋଜିତ ଯୁକ୍ତଦୁଇ ପରୀକ୍ଷାର ମୂଲ୍ୟାଙ୍କନ ୨ଟି ପ୍ରକ୍ରିୟାରେ କରାଯାଉଥିବା ବେଳେ ପ୍ରଥମ ପର୍ଯ୍ୟାୟ ଖାତାଦେଖା ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ୧୪ତାରିଖରେ ଛୁଟି ଦିବସ ଥିବାରୁ ୨ୟ ପର୍ଯ୍ୟାୟ ଖାତାଦେଖା ପ୍ରକ୍ରିୟା ୧୫ରୁ ଆରମ୍ଭ ହୋଇ ଏପ୍ରିଲ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ତେବେ ପ୍ରଥମ ପର୍ଯ୍ୟାୟରେ ମୋଟ୍ ୬ଲକ୍ଷ ୭୦ ହଜାର ଉତ୍ତାଖାତାର ମୂଲ୍ୟାଙ୍କନ କରାଯିବାକୁ ଥିବାବେଳେ ୨ୟ ପର୍ଯ୍ୟାୟରେ ୬ଲକ୍ଷ ୩୦ହଜାର ଉତ୍ତରଖାତା ମୂଲ୍ୟାଙ୍କନ କରାଯିବ। ରାଜ୍ୟରେ ୧୫୧ଟି କେନ୍ଦ୍ର ମଧ୍ୟରୁ ୭୫ଟି କେନ୍ଦ୍ରରେ ଅନ୍‌ଲାଇନ ଏବଂ ୭୬ଟି କେନ୍ଦ୍ରରେ ଅଫ୍‌ଲାଇନ ମାଧ୍ୟମରେ ମୂଲ୍ୟାଙ୍କନ ପ୍ରକ୍ରିୟା ଚାଲିଛି। ଚଳିତବର୍ଷ ଉଭୟ ଅନ୍‌ଲାଇନ ଏବଂ ଅଫ୍‌ଲାଇନ ମୂଲ୍ୟାଙ୍କନ ଲାଗି ମୋଟ ୧୬ହଜାର ୪୯୪ଜଣ ଅଧ୍ୟାପକ ଏବଂ ଅଧ୍ୟାପିକା ନିୟୋଜିତ ହୋଇଥିବା ବେଳେ ସେଥିରୁ କେବଳ ପ୍ରଥମ ପର୍ଯ୍ୟାୟ ଖାତା ଦେଖା ଲାଗି ୮ହଜାର ୨୫୮ଜଣ ଅଧ୍ୟାପକ ଏବଂ ଅଧ୍ୟାପିକା ନିୟୋଜିତ ହୋଇଛନ୍ତି। ତେବେ ମୂଲ୍ୟାଙ୍କନ ହେଉଥିବା କେନ୍ଦ୍ରରେ କିଛି ସ୍ଥାନରେ ୨ଟି ପର୍ଯ୍ୟାୟରେ ମୂଲ୍ୟାଙ୍କନ କରାଯାଉଛି। ସେଠାରେ ସକାଳ ୭ଟାରୁ ଦିନ ୧୨ଟା ଏବଂ ୧ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଖାତା ଦେଖା ହେଉଛି। ସେହିପରି ଗୋଟିଏ ପର୍ଯ୍ୟାୟରେ ହେଉଥିବା ମୂଲ୍ୟାଙ୍କନ କେନ୍ଦ୍ରଗୁଡ଼ିକରେ ସକାଳ ୧୦ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଖାତଦେଖା ପ୍ରକ୍ରିୟା ଚାଲିଛି। ପ୍ରତ୍ୟେକ ମୂଲ୍ୟାଙ୍କନ କେନ୍ଦ୍ରରେ ଗୋଟିଏ ଉତ୍ତର ଖାତା ମୂଲ୍ୟାଙ୍କନ କରିବା ଲାଗି ୩ଜଣ ଅଧ୍ୟାପକ ନିୟୋଜିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଖାତା ଦେଖି ସାରିବା ପରେ ଚିଫ୍ ଇଭାଲୁଏଟର ସମ୍ପୃକ୍ତ ଉତ୍ତରଖାତାକୁ ଯାଞ୍ଚ କରିବେ ଏବଂ ଶେଷରେ ଉତ୍ତର ଖାତାରେ ମୂଲ୍ୟାଙ୍କନ ଠିକ୍ ରହିଛି କି ନାହିଁ ତାକୁ ଆଉ ଜଣେ ଅର୍ଥାତ ସୁପରିଟେଣ୍ଡେଣ୍ଟ ଯାଞ୍ଚ କରିବେ। ମୂଲ୍ୟାଙ୍କନ ପ୍ରକ୍ରିୟା ଶେଷ ହେବା ପରେ ମେ ତୃତୀୟ ସପ୍ତାହରେ ରେଜଲ୍ଟ ପ୍ରକାଶ ପାଇବ ବୋଲି +୨ ପରିଷଦ ପକ୍ଷରୁ ସୂଚନା ମିଳିଛି। ଅପରପେକ୍ଷ ଚଳିତବର୍ଷ ଠାରୁ ପ୍ରଥମଥର ପାଇଁ ଆରମ୍ଭ ହେବାକୁ ଯାଉଛି ଇମ୍ପ୍ରୁଭମେଣ୍ଟ ପରୀକ୍ଷା। ପୂର୍ବରୁ ସିବିଏସ୍‌ଇ ଛାତ୍ରଛାତ୍ରୀ ଏହି ସୁବିଧା ପାଉଥିବା ବେଳେ ଚଳିତବର୍ଷ ଠାରୁ +୨ ପରିଷଦ ପକ୍ଷରୁ ଏହି ସୁଯୋଗ ପିଲାଙ୍କୁ ଦିଆଯିବ। ଏହି ଇମ୍ପ୍ରୁଭମେଣ୍ଟ ସୁଯୋଗ କେବଳ ପରୀକ୍ଷାରେ ପାସ୍ କରିଥିବା ଛାତ୍ରଛାତ୍ରୀଙ୍କୁ ମିଳିବ। ଯଦି କୌଣସି ପରୀକ୍ଷାର୍ଥୀ ସମସ୍ତ ବିଷୟରେ ପାସ୍ କରିଥିବା ବେଳେ ସେ ପୁନର୍ବାର ନିଜ ମାର୍କ ବୃଦ୍ଧି ଲାଗି ଚାହାଁନ୍ତି ତେବେ ଯେକୌଣସି ଗୋଟିଏ ବିଷୟ ପୁନର୍ବାର ଦେଇପାରିବେ। ପୂର୍ବରୁ ସମ୍ପୃକ୍ତ ବିଷୟରେ ଯଦି ପରୀକ୍ଷାର୍ଥୀଙ୍କ ୪୦ମାର୍କ ରହିଥିବ ଏବଂ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ଦେବା ପରେ ମାର୍କ ବୃଦ୍ଧି ଘଟି ୬୦ମାର୍କ ହୁଏ ତେବେ ଅଧିକ ମାର୍କ ମିଶି ରେଜଲ୍ଟ ପ୍ରକାଶ ପାଇବ। ପ୍ରଥମ ପରୀକ୍ଷା ରେଜଲ୍ଟ ଠାରୁ ଯଦି ଇମ୍ପ୍ରୁଭମେଣ୍ଟ ପରୀକ୍ଷା ରେଜଲ୍ଟ କମ୍ ରହେ ତେବେ ପ୍ରଥମ ରେଜଲ୍ଟ କାଏମ ରହିବ। ଏହି ଇମ୍ପ୍ରୁଭମେଣ୍ଟ ବ୍ୟବସ୍ଥା ଦ୍ୱାରା ଛାତ୍ରଛାତ୍ରୀ ପରୀକ୍ଷାରରେ ପାସ୍ କରିବା ପରେ ପୁଣି ଆଉଥରେ ଗୋଟିଏ ବିଷୟର ପରୀକ୍ଷା ଦେଇ ମାର୍କ ବଢ଼ାଇ ପାରିବେ।

# ୯ ପର୍ଯ୍ୟନ୍ତ କାଳବୈଶାଖୀ ବର୍ଷା ସତର୍କତା ଜାରି

ଭୁବନେଶ୍ୱର,(ଜା.ପ୍ର): ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ କାଳବୈଶାଖୀ ବର୍ଷାର ପ୍ରଭାବ ଦେଖାଯିବ। କାଳବୈଶାଖୀର ପ୍ରଭାବରୁ ୨ ଦିନ ମଧ୍ୟରେ ତାପମାତ୍ରା ୨ ରୁ ୩ ଡିଗ୍ରୀ ହ୍ରାସ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆସନ୍ତା ୨୪ ଘଣ୍ଟାରେ ୨୭ଟି ଜିଲ୍ଲାରେ ବଜ୍ରପାତ ସହ ବର୍ଷା ସମ୍ଭାବନା ରହିଛି। ୩ ଜିଲ୍ଲା ଯଥା ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକରେ ବିଜୁଳି ଘଡଘଡି ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଝଟକା ପବନ ସହିତ ପବନର ବେଗ ୫୦ରୁ ୬୦ କିମି ରହିବା ନେଇ ପାଣିପାଗ ବିଭାଗ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି। ସେହିପରି ୨୪ଟି ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା, ଝଟକା ପବନ ସହିତ ପବନର ବେଗ ୩୦ ରୁ ୫୦ କିମି ରହିବାର ସମ୍ଭାବନା ନେଇ ୟେଲୋ ୱାର୍ଣ୍ଣିଂ ଜାରି ଜାରିଛି ପାଣିପାଗ ବିଭାଗ। ଏହି ଜିଲ୍ଲାଗୁଡିକ ହେଲା ନୂଆପଡ଼ା, କଳାହାଣ୍ଡି, ରାୟଗଡ଼ା, କନ୍ଧମାଳ, ଗଜପତି, ଗଞ୍ଜାମ, ବରଗଡ଼, ବଲାଙ୍ଗୀର, ସୋନପୁର, ବୌଦ୍ଧ, ସମ୍ବଲପୁର, ଅନୁଗୁଳ, ଝାରସୁଗୁଡା, କେନ୍ଦୁଝର, ଦେଓଗଡ଼, ସୁନ୍ଦରଗଡ଼, ଢେଙ୍କାନାଳ, ଯାଜପୁର, ଖୋର୍ଦ୍ଧା, ପୁରୀ, କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର ଓ ନୟାଗଡ଼ ଆଦି ଜିଲ୍ଲାରେ ବିଜୁଳି ଓ ଘଡ଼ଘଡ଼ି ହେବାର ସମ୍ଭାବନା ରହିଛି।

ସେହିପରି ଆସନ୍ତାକାଲି କଳାହାଣ୍ଡି, ରାୟଗଡ଼ା, କନ୍ଧମାଳ, ଗଜପତି, ଗଞ୍ଜାମ, ବୌଦ୍ଧ, ସମ୍ବଲପୁର, ଅନୁଗୁଳ, ଝାରସୁଗୁଡ଼ା, କେନ୍ଦୁଝର, ଦେଓଗଡ଼, ସୁନ୍ଦରଗଡ଼, ଢେଙ୍କାନାଳ, ଯାଜପୁର, ଖୋର୍ଦ୍ଧା, ପୁରୀ, କଟକ, କେନ୍ଦ୍ରାପଡା, ଜଗତସିଂହପୁର, ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ମାଲକାନଗିରି, କୋରାପୁଟ, ନବରଙ୍ଗପୁର ଓ ନୟାଗଡ଼ ଏହି ୨୬ ଜିଲ୍ଲାକୁ ବିଜୁଳି ଘଡଘଡି ସହ ହାଲୁକରୁ ମଧ୍ୟମ ଧରଣର ବର୍ଷା ସହ ୩୦ ରୁ ୫୦ କିମି ଝଟକା ପବନ ବହିବାର ସମ୍ଭାବନାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି ଜାରି କରିଛି ପାଣିପାଗ ବିଭାଗ।

ଜାତୀୟ ଚେତନା
JATIYA CHETANA



# ଆପ୍ ନେତାଙ୍କୁ ରାଘବଙ୍କ ଜବାବ: ପିକ୍‌ଚର ଅଭି ବାକି ହୈ...

ନୂଆଦିଲ୍ଲୀ,(ଏଜେନ୍ସି): ଆମ ଆଦମୀ ପାର୍ଟିର ରାଜ୍ୟସଭା ସାଂସଦ ରାଘବ ଚଡ୍ଢା ଏବଂ ତାଙ୍କ ଦଳ ମଧ୍ୟରେ ଏବେ ମତଭେଦ ଦେଖାଦେଉଛି। ରାଘବ ସଂସଦରେ ପଞ୍ଜାବ ପ୍ରସଙ୍ଗ ଉଠାଇ ନଥିବା ଆମ ଆଦମୀ ପାର୍ଟିର ନେତାମାନେ ଅଭିଯୋଗ କରିଛନ୍ତି । ଏହି ଅଭିଯୋଗ ମଧ୍ୟରେ ରାଘବ ପଞ୍ଜାବ ପ୍ରସଙ୍ଗର ଜବାବ ଦେଇ ଏକ ଭିଡିଓ ଜାରି କରିଛନ୍ତି। ସେ କହିଛନ୍ତି ଏହା କେବଳ ଏକ ଛୋଟିଆ ଟ୍ରେଲର, ଫିଲ୍ମ ଏବେ ବାକି ଅଛି।

ଭିଡିଓରେ ସେ କହିଛନ୍ତି, 'ମୋର ଆମ ଆଦମୀ ପାର୍ଟି ସହକର୍ମୀମାନେ ଯେଉଁମାନେ ରାଘବ ଚଡ୍ଢା ସଂସଦରେ ପଞ୍ଜାବର ପ୍ରସଙ୍ଗ ଉଠାଇବାରେ ବିଫଳ ହୋଇଥିବା ଅଭିଯୋଗ କରି ଏକ ଭିଡିଓ ଜାରି କରିବାକୁ ବାଧ୍ୟ କରିଛନ୍ତି, ଏହା ଏକ ଛୋଟ ଟ୍ରେଲର। ଫିଲ୍ମ ଏପର୍ଯ୍ୟନ୍ତ ପ୍ରକାଶିତ ହୋଇନାହିଁ। 'ସେ ଆହୁରି ଲେଖିଛନ୍ତି, 'ପଞ୍ଜାବ ମୋ ପାଇଁ କେବଳ ଆଲୋଚନାର ବିଷୟ ନୁହେଁ। ଏହା ମୋର ଘର, ମୋର କର୍ତ୍ତବ୍ୟ, ମୋର ମାଟି, ମୋର ଆତ୍ମା।'

ଏହା ବ୍ୟତୀତ, ଭିଡିଓରେ ରାଘବ ଚଡ୍ଢା ଏମଏସପିର ଆଇନଗତ ଗ୍ୟାରେଣ୍ଟି ଦାବି, ପଞ୍ଜାବରେ ଜଳ ଅଭାବ, ଚାଷୀଙ୍କ ବିଭିନ୍ନ ଦାବି, ପଞ୍ଜାବରେ ଭୂତଳ ଜଳ ହ୍ରାସ, ସହିଦ ଭଗତ ସିଂହଙ୍କ ପାଇଁ ଭାରତ ରତ୍ନ ଦାବି, ନଦୀ ପୁନରୁଦ୍ଧାର ଏବଂ ପଞ୍ଜାବର ଜଳ ଉପଲବ୍ଧତା, ମହାରାଜା ରଣଜିତ ସିଂହଙ୍କ ପାଇଁ ରାଜ ସିଂହାସନ ଦାବି ଆଦି ପ୍ରସଙ୍ଗଗୁଡ଼ିକ ମଧ୍ୟ ଉଲ୍ଲେଖ କରିଛନ୍ତି। ସେ ପଞ୍ଜାବକୁ ଅନ୍ତର୍ଜାତୀୟ ବିମାନ ଉଡ଼ାଣ, ପଞ୍ଜାବ ପାଇଁ ପାଣି ଜାରି କରିବା ଏବଂ ଆନନ୍ଦପୁର ସାହିବକୁ ଏକ ଐତିହ୍ୟ ସହର ଭାବରେ ବିକଶିତ କରିବା ଦାବି ଭଳି ପ୍ରସଙ୍ଗ ମଧ୍ୟ ଉଲ୍ଲେଖ କରିଥିଲେ। ସେ ପଞ୍ଜାବର ବିକାଶରେ ସହାୟତା ପାଇଁ କେନ୍ଦ୍ର ସରକାରଙ୍କୁ ମଧ୍ୟ ନିବେଦନ କରିଥିଲେ। ପ୍ରସଙ୍ଗ ନ ଉଠାଇବା ଅଭିଯୋଗର ଜବାବରେ, ରାଘବ ଚଡ୍ଢା ସଂସଦରେ ଉଠାଇଥିବା ସମସ୍ତ ପ୍ରସଙ୍ଗକୁ ଉଦ୍ଧୃତ କରିଥିଲେ। ଏହି ପ୍ରସଙ୍ଗଗୁଡ଼ିକ ମଧ୍ୟରେ କରତାର ସାହିବ ଏବଂ ନାନକାନା ସାହିବକୁ କରିଡର, ପଞ୍ଜାବ ଚାଷୀଙ୍କ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ଦାବି, ପଞ୍ଜାବ ପାଇଁ ଏକ କର୍କଟ ଟ୍ରେନ୍ ଏବଂ ଦିଲ୍ଲୀ ସମେତ ଉତ୍ତର ଭାରତରେ ବାୟୁ ପ୍ରଦୂଷଣ ଅନ୍ତର୍ଭୁକ୍ତ। ଆମ ଆଦମୀ ପାର୍ଟି ଶନିବାର ରାଜ୍ୟସଭା ସଦସ୍ୟ ରାଘବ ଚଡ୍ଢାଙ୍କୁ ସଂସଦରେ ପଞ୍ଜାବ ସହ ଜଡିତ ପ୍ରମୁଖ ପ୍ରସଙ୍ଗ ଉଠାଇବାରେ ବିଫଳ ହେବା ପାଇଁ ସମାଲୋଚନା କରିଥିଲା । ଦଳ କହିଥିଲା ଯେ ତାଙ୍କର 'ନିଷ୍କ୍ରିୟତା' ଦଳର ନୀତି ବିରୁଦ୍ଧରେ।

# ଇରାନକୁ ପୁଣି ଚେତାବନୀ ଦେଲେ ଟ୍ରମ୍ପ: ହେବ ବଡ଼ ଧରଣର ବିନାଶ'




ନୂଆଦିଲ୍ଲୀ,(ଏଜେନ୍ସି): ଆମେରିକା ଓ ଇରାନ୍ ମଧ୍ୟରେ ବୃଦ୍ଧି ପାଉଥିବା ଉତ୍ତେଜନା ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣିଥରେ କଡ଼ା ମନୋଭାବ ପୋଷଣ କରିଛନ୍ତି। ଟ୍ରମ୍ପ ଇରାନ୍‌କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କହିବା ସହିତ ପୁଣି ଚେତାବନୀ ଦେଇଛନ୍ତି। ସେ କହିଛନ୍ତି, ଯଦି ଇରାନ୍ ହର୍ମୁଜ୍ ପ୍ରଣାଳୀ ନଖୋଲେ, ତେବେ ଆମେରିକା ତା' ପାୱାର ପ୍ଲାଣ୍ଟ ଓ ପୋଲଗୁଡ଼ିକ ଉପରେ ଆକ୍ରମଣ କରିବା ସହିତ ଇରାନ୍‌କୁ ନର୍କ ପରି ପରିଣାମ ଭୋଗିବାକୁ ପଡ଼ିବ। ମଙ୍ଗଳବାର ଏକ ବଡ଼ ଧରଣର ବିନାଶ ହେବ। ଟ୍ରମ୍ପ ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମ 'ଟ୍ରୁଥ୍'ରେ ଲେଖିଛନ୍ତି, 'ଇରାନ୍‌ରେ ମଙ୍ଗଳବାର ପାୱାର୍ ପ୍ଲାଣ୍ଟ ଡେ ଏବଂ ବ୍ରିଜ୍ ଡେ ଏକସଙ୍ଗେ ପାଳନ କରାଯିବ। ଅର୍ଥାତ୍ ଆକ୍ରମଣ ହେବ। ଏପରି ପୂର୍ବରୁ କେବେ ଏପରି ହୋଇନାହିଁ। ହର୍ମୁଜ୍ ପ୍ରଣାଳୀ ଖୋଲିଦିଅ ପାଗଳ, ନଚେତ୍ ନର୍କକୁ ଯିବ। ଆଲ୍ଲାକୁ ପ୍ରାର୍ଥନା କର।' ଏହି ପୋଷ୍ଟଟି ମଧ୍ୟ ଆଶ୍ଚର୍ଯ୍ୟଜନକ କାରଣ ଆମେରିକା ରାଷ୍ଟ୍ରପତି ଖୋଲାଖୋଲି ଭାବରେ ଏହି ଉପାୟରେ ଏକ ଦେଶକୁ ଅପମାନିତ ଏବଂ ଧମକ ଦେଇଛନ୍ତି। ଏହି ବିବୃତ୍ତି ସମସ୍ତ କୂଟନୈତିକ ମର୍ଯ୍ୟାଦାକୁ ଉଲଂଘନ କରେ।

ଆମେରିକା ଏହା ପୂର୍ବରୁ ଇରାନ୍ ରାଜଧାନୀ ତେହରାନ୍‌କୁ କରାଜ ସହର ସହିତ ଯୋଡୁଥିବା ବି୧ ହାଇୱେ ବ୍ରିଜ୍ ଉପରେ ଆକ୍ରମଣ କରିଥିଲା। ଏହି ପୋଲ୍ ଚଳିତ ବର୍ଷ ଆରମ୍ଭ ହୋଇଥିଲା ଏବଂ ଏହା ମଧ୍ୟପ୍ରାଚ୍ୟର ସବୁଠୁ ଉଚ୍ଚା ପୋଲ। ପ୍ରାୟ ୧୦୫୦ ମିଟର ଲମ୍ବା ଏବଂ ୧୩୬ ମିଟର ଉଚ୍ଚା ଏହି ପୋଲର ନିର୍ମାଣରେ ପ୍ରାୟ ୪୦୦ ମିଲିୟନ୍ ଡଲାର (୩,୮୦୦ କୋଟି ଟଙ୍କା) ଖର୍ଚ୍ଚ ହୋଇଥିଲା।

ଇତିମଧ୍ୟରେ ୪୮ ଘଣ୍ଟାରେ ହର୍ମୁଜ୍ ଖୋଲିବା ପାଇଁ ଟ୍ରମ୍ପ ଦେଇଥିବା ଅଲ୍‌ଟିମେଟମ୍‌କୁ ଇରାନ୍ ଖାରଜ କରିଦେଇଛି। ଇରାନୀ ସେନା କହିଛି, ଆମେରିକା ହତାଶ ଏବଂ ବିଚଳିତ ହୋଇ ଧମକ ଦେଉଛି। ସୂଚନାଯୋଗ୍ୟ, ଟମ୍ପ ଇରାନ୍‌କୁ ହର୍ମୁଜ୍ ଖୋଲିବା କିମ୍ବା ବୁଝାମଣା କରିବା ପାଇଁ ଅଲ୍‌ଟିମେଟମ୍ ଦେଇଥିଲେ। ସେ କହିଥିଲେ ସମୟ ଶେଷ ହେଉଛି ଏବଂ ଏହା ନକଲେ, ଇରାନ୍‌ର ଶକ୍ତି କେନ୍ଦ୍ରକୁ ଟାର୍ଗେଟ୍ କରି ଧ୍ୱଂସ କରିଦିଆଯିବ।

ପ୍ରକାଶ ଯେ ଆମେରିକା ଓ ଇରାନ ଭିତରେ ଯୁଦ୍ଧ ଏବେ ପ୍ରାୟ ୫ ସପ୍ତାହରେ ପହଁଞ୍ଚି ସାରିଛି। ୨୮ ଫେବୃଆରୀରେ ଆମେରିକା ଓ ଇସ୍ରାଏଲ ଇରାନ ଉପରେ ବଡ଼ ଧରଣର ଆକ୍ରମଣ କରିଥିଲେ। ସେବେଠାରୁ ଦୁଇ ଦେଶ ମୁହାଁମୁହିଁ ହୋଇଛନ୍ତି। ଇରାନ ଏହାର ଜବାବରେ ଷ୍ଟ୍ରେଟ୍ ଅଫ୍ ହର୍ମୁଜ ବନ୍ଦ କରିଦେଇଛି, ଅର୍ଥାତ ସମୁଦ୍ର ରାସ୍ତା, ଯାହାଦ୍ୱାରା ଦୁନିଆର ୨୦ ପ୍ରତିଶତ ତେଲ ଯାଇଥାଏ। ଯୁଦ୍ଧ ଏବେ ଚରମ ସ୍ଥିତିରେ ରହିଛି।

# ହର୍ମୁଜ ପାର୍ କଲା 'ଗ୍ରୀନ୍ ଆଶା'

ନୂଆଦିଲ୍ଲୀ,(ଏଜେନ୍ସି): ଏଲ୍‌ପିଜି ନେଇ ଭାରତୀୟ ଜାହାଜ 'ଗ୍ରୀନ୍ ଆଶା' ଇରାନର ହର୍ମୁଜକୁ ସଫଳତାର ସହ ପାର୍ କରିଛି। ଉପସାଗରୀୟ ଦେଶରେ ବିବାଦ ଆରମ୍ଭ ହେବାପରେ ହର୍ମୁଜରୁ ବାହାରୁଥିବା ଏହି ଜାହାଜ ଭାରତର ନବମ ଜାହାଜ। ଆମେରିକା ଏବଂ ଇସ୍ରାଏଲ ସହ ଯୁଦ୍ଧ ଆରମ୍ଭ ହେବାପରେ ଇରାନ ଷ୍ଟ୍ରେଟ୍ ଅଫ୍ ହର୍ମୁଜକୁ ବନ୍ଦ କରିଦେଇଥିଲା। ତେବେ ବଢୁଥିବା ବିପଦ ପରେ ବି 'ଗ୍ରୀନ୍ ଆଶା' ଏଲପିଜି ନେଇ ହର୍ମୁଜ ପାର କରିବା ଏହି କ୍ଷେତ୍ର ଉପରେ ଭାରତର ନିରନ୍ତର ନିର୍ଭରତାକୁ ଦର୍ଶାଉଛି। 'ଗ୍ରୀନ୍ ଆଶା' ଯାତ୍ରା ପୂର୍ବରୁ, ଅତି କମରେ ୮ ଭାରତୀୟ ଜାହାଜ ଏହି ମାର୍ଗ ଦେଇ ଯାଇ ସାରିଥିଲା।

ମାର୍ଚ୍ଚ ଶେଷରେ 'ପାଇନ୍ ଗ୍ୟାସ୍' ଓ 'ଯୁଦ୍ଧ ବସନ୍ତ' ସହିତ ୪ ଭାରତୀୟ ଜାହାଜ ତିନି ଦିନ ଭିତରେ ୯୨,୬୦୦ ଟନରୁ ଅଧିକ ଏଲପିଜି ଯୋଗାଣ କରିଥିଲା। ଏହା ପୂର୍ବରୁ ଶିବାଲିକ୍ ଓ ନନ୍ଦାଦେବୀ ମାର୍ଚ୍ଚ ମଧ୍ୟରେ ଗୁଜୁରାଟର ମୁନ୍ଦ୍ରା ଓ କାଣ୍ଡଲା ବିମାନବନ୍ଦର ପର୍ଯ୍ୟନ୍ତ ପ୍ରାୟ ୯୨,୭୦୦ ଟନ୍ ଏଲପିଜି ପହଁଞ୍ଚାଇଥିଲା। ଏହା ସହ ଏଲପିଜି ବାହାକ ବିଡବ୍ଲ୍ୟୁ ଟିୱାଇଆର ଓ ବିଡବ୍ଲ୍ୟୁ ଇଏଲଏମ୍ ସାମିଲ ଥିଲା। ଅନ୍ୟ ସିପମେଣ୍ଟରେ ଅଶୋଧିତ ତୈଳ ଏବଂ ଇନ୍ଧନ ଅନ୍ତର୍ଭୁକ୍ତ ଥିଲା। ତେଲ ଟ୍ୟାଙ୍କର୍ 'ଜାଗ୍ ଲାଡକି' ସଂଯୁକ୍ତ ଆରବ ଏମିରେଟ୍ସରୁ ମୁନ୍ଦ୍ରା ପର୍ଯ୍ୟନ୍ତ ୮୦ ଟନ୍ ରୁ ଅଧିକ ଅଶୋଧିତ ତୈଳ ପରିବହନ କରିଥିଲା, ଯେତେବେଳେ 'ଜଗ୍ ପ୍ରକାଶ' ଓମାନରୁ ଆଫ୍ରିକୀୟ ବଜାରକୁ ପେଟ୍ରୋଲ୍ ନେଇ ହର୍ମୁଜକୁ ପାର କରିଥିଲା। ଅନ୍ୟ ଏକ ଏଲପିଜି ବାହକ, 'ଗ୍ରୀନ୍ ସାନ୍‌ଭି' ମଧ୍ୟ ନିକଟରେ ପ୍ରାୟ ୪୬,୬୫୦ ମେଟ୍ରିକ୍ ଟନ୍ କାର୍ଗୋ ପରିବହନ ସହିତ ଏହାର ଯାତ୍ରା ସମାପ୍ତ କରିଥିଲା।

# କୋଲ୍‌କାତା ଉପରେ ଆକ୍ରମଣ ପାଇଁ ପାକ୍ ପ୍ରତିରକ୍ଷା ମନ୍ତ୍ରୀଙ୍କ ଧମକ୍

ନୂଆଦିଲ୍ଲୀ,(ଏଜେନ୍ସି): ଭାରତ ଓ ପାକିସ୍ତାନ ମଧ୍ୟରେ ପୁଣିଥରେ ତୀବ୍ର ବାକ୍‌ଯୁଦ୍ଧ ଆରମ୍ଭ ହୋଇଯାଇଛି। ଯାହା ଫଳରେ ଆଞ୍ଚଳିକ ଉତ୍ତେଜନା ବୃଦ୍ଧି ପାଇବାର ଆଶଙ୍କା ସୃଷ୍ଟି ହୋଇଛି। ନିକଟରେ ଭାରତ ସମ୍ପର୍କରେ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫଙ୍କ ଏକ ବୟାନ୍ ରାଜନୈତିକ ଓ ସାମରିକ ମହମଲରେ ହଇଚଇ ସୃଷ୍ଟି କରିଛି। ଶନିବାର ସେ ଭାରତକୁ ଚେତାବନୀ ଦେଇ କହିଛନ୍ତି ଯେ ଯଦି ଭବିଷ୍ୟତରେ ଭାରତ କୌଣସି 'ଦୁଃସାହସିକ କାର୍ଯ୍ୟ' କରେ, ତେବେ କୋଲ୍‌କାତା ପରି ଏକ ପ୍ରମୁଖ ସହରକୁ ଟାର୍ଗେଟ୍ କରି ପାକିସ୍ତାନ ଜବାବ ଦେବ। ଆସିଫ୍ ନିଜ ଜନ୍ମସ୍ଥାନ ସିଆଲ୍‌କୋଟ୍‌ରେ ସାମ୍ବାଦିକଙ୍କ ଆଲୋଚନା ବେଳେ ଏହି ବୟାନ୍ ଦେଇଛନ୍ତି। ଲାହୋରଠାରୁ ୧୩୦ କିଲୋମିଟର ଦୂର ସିଆଲ୍‌କୋଟ ପାକିସ୍ତାନର ପ୍ରମୁଖ ସାମରିକ ଏବଂ ଶିଳ୍ପ କେନ୍ଦ୍ର ଭାବେ ଜଣାଶୁଣା। ସେଠାରୁ ସେ ଭାରତକୁ କଡ଼ା ସମାଲୋଚନା କରି କହିଛନ୍ତି ଯେ ପାକିସ୍ତାନକୁ ଦୋଷ ଦେଇ ଭାରତ କୌଣସି ସାମରିକ କାର୍ଯ୍ୟାନୁଷ୍ଠାନ କରେ, ତେବେ ପାକିସ୍ତାନ ପଛଘୁଞ୍ଚା ଦେବାନାହିଁ ଏବଂ ପ୍ରତିଶୋଧ ନେବ। ସେ ଆହୁରି କହିଛନ୍ତି, ଏଥର ଜବାବ ସୀମିତ ହେବ ନାହ. ବରଂ ଏକ ବଡ଼ ଏବଂ ରଣନୈତିକ ସ୍ଥାନକୁ ଟାର୍ଗେଟ୍ କରାଯିବ। ସେ ଅଭିଯୋଗ କରିଛନ୍ତି ଯେ ଭାରତ ମିଥ୍ୟା ନେରେଟିଭ୍ ସୃଷ୍ଟି କରିବାକୁ ଯୋଜନା ଚଳାଇଛି। ତାଙ୍କ କହିବା ଅନୁସାରେ ଭାରତ ନିଜ ଲୋକ କିମ୍ବା କିଛି ପାକିସ୍ତାନୀଙ୍କ ଜରିଆରେ ନକଲି ଅପରେସନ୍ ଉଦ୍ୟମ କରିପାରେ, ଯେପରି କି କିଛି ମୃତଦେହ ରଖି ଦାବି କରାଯିବ ଯେ ସେମାନେ ଆତଙ୍କବାଦୀ ଏବଂ କୌଣସି ବଡ଼ ଘଟଣା ଘଟାଇଛନ୍ତି। ତେବେ ଆସିଫ୍ ତାଙ୍କର ଏହି ଅଭିଯୋଗ ସମର୍ଥନରେ କୌଣସି ଠୋସ୍ ପ୍ରମାଣ ଦେଇନଥିଲେ। ଫଳରେ ତାଙ୍କର ଏହି ଦାବିର ବିଶ୍ୱସନୀୟତାକୁ ନେଇ ପ୍ରଶ୍ନ ଉଠୁଛି। ତେବେ ଏହା ପ୍ରଥମ ଘଟଣା ନୁହେଁ, ଖ୍ୱାଜା ଆସିଫ୍ ପୂର୍ବରୁ ଏପରି ଅନେକ ହାସ୍ୟାସ୍ପଦ ଦାବି କରିଛନ୍ତି। ଭାରତୀୟ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ସାମ୍ପ୍ରତିକ ମନ୍ତବ୍ୟର ଜବାବରେ ଆସିଫ୍ ଏହି ବୟାନ ଦେଇଛନ୍ତି। ରାଜନାଥ ସିଂହ ଗୁରୁବାର ସ୍ପଷ୍ଟ କରିଥିଲେ ଯେ ଯଦି ବର୍ତ୍ତମାନର ପରିସ୍ଥିତିରେ ପାକିସ୍ତାନ କୌଣସି ଦୁଃସାହସିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ, ତେବେ ଭାରତ 'ଅଭୂତପୂର୍ବ ଏବଂ ନିର୍ଣ୍ଣାୟକ' ଜବାବ ଦେବ। ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଜାରି ରହିଥିବା ବେଳେ ତାଙ୍କର ଏହି ବୟାନ୍ ଆସିଛି।

# ଇରାନ୍‌ରୁ ପାଇଲଟ୍‌ଙ୍କୁ ବଞ୍ଚାଇଲା ଆମେରିକା

ନୂଆଦିଲ୍ଲୀ,(ଏଜେନ୍ସି): ଏକ ପୋଷ୍ଟରେ ଟ୍ରମ୍ପ କହିଛନ୍ତି, ଆମେରିକୀୟ ସେନା ଇରାନ୍‌ର ପାହାଡ଼ ମଧ୍ୟରୁ ଗୁରୁତର ଭାବେ ଆହତ ଏବଂ ବାହାଦୂର ଏଫ୍-୧୫ କ୍ରୁ ସଦସ୍ୟ/ଅଫିସର୍‌ଙ୍କୁ ବଞ୍ଚାଇଛି। ରାଷ୍ଟ୍ରପତି କହିଛନ୍ତି, ଇରାନୀ ସେନା ବହୁ ସଂଖ୍ୟାରେ ତାଙ୍କୁ ଖୋଜୁଥିଲେ ଏବଂ ତାଙ୍କ ନିକଟବର୍ତ୍ତୀ ହୋଇଥିଲେ। ଟ୍ରମ୍ପ ନିଜ ସୋସିଆଲ୍ ମିଡିଆ ଟ୍ରୁଥ୍‌ରେ କହିଛନ୍ତି, ପାଇଲଟ୍ ଜଣେ ବହୁ ସମ୍ମାନ କର୍ଣ୍ଣେଲ ଏବଂ ଏ ପ୍ରକାର ଅଭିଯାନ ବହୁ କମ୍ କରାଯାଇଥାଏ। କାରଣ ଏହା ସୈନିକ ଏବଂ ଉପକରଣ ପାଇଁ ବହୁ ବିପଜ୍ଜନକ ହୋଇଥାଏ। ସେ କହିଛନ୍ତି, ପ୍ରଥମ ଅଭିଯାନ ଦିନର ସୂର୍ଯ୍ୟାଲୋକରେ ହୋଇଥିଲା, ଯେଉଁଥିରେ ସାତ ଘଣ୍ଟା ପର୍ଯ୍ୟନ୍ତ ଇରାନ୍ ମଧ୍ୟରେ ବିତାଇଥିଲେ। ଟ୍ରମ୍ପ ସମସ୍ତ ସୈନିକଙ୍କ ବାହାଦୁରୀ ଏବଂ କୌଶଳର ପ୍ରଶଂସା କରିଛନ୍ତି ଏବଂ ସୋମବାର ହ୍ୱାଇଟ୍ ହାଉସ୍‌ରେ ସୈନ୍ୟ ଅଧିକାରୀଙ୍କ ସହିତ ପ୍ରେସ୍ କନ୍‌ଫରେନ୍ସ କରିବେ। ସେ କହିଛନ୍ତି, ଭଗବାନ ଆମ ମହାନ୍ ସୈନ୍ୟ ଯୋଦ୍ଧାଙ୍କୁ ଆଶୀର୍ବାଦ ଦିଅନ୍ତୁ।

ପ୍ରକାଶ ଯେ ଦୁଇଟି ଆସନ ବିଶିଷ୍ଟ ଆମେରିକାର 'ଏଫ-୧୫' ଯୁଦ୍ଧ ବିମାନଙ୍କୁ ଇରାନ ଖସାଇ ଦେଇଥିଲା ବେଳେ ଏଥିରେ ଥିବା ଜଣେ ପାଇଲଟ ଓ ଜଣେ କ୍ରୁ ସଦସ୍ୟ ସୁରକ୍ଷିତ ଭାବେ ସେଥିରୁ ବାହାରି ଯିବାରେ ସଫଳ ହୋଇଥିଲେ। ସେମାନେ ଇରାନ ସୀମା ଭିତରେ ରହିଥିବା ବେଳେ ପାଇଲଟଙ୍କୁ କିଛି ଘଣ୍ଟା ମଧ୍ୟରେ ଉଦ୍ଧାର କରି ନେଇଥିଲା ଆମେରିକୀୟ ସେନା। କିନ୍ତୁ କ୍ରୁ ସଦସ୍ୟଙ୍କୁ ଉଦ୍ଧାର କରିବାକୁ ଆମେରିକାକୁ ବଡ଼ ଅପରେସନ କରିବାକୁ ପଡ଼ିଥିଲା। ପ୍ରାୟ ଦେଢ଼ ଦିନର ପ୍ରୟାସ ପରେ ତାଙ୍କୁ ଉଦ୍ଧାର କରାଯାଇଛି।

# ମୁଡିଜ୍ ରିପୋର୍ଟ: ୬%କୁ ହ୍ରାସ ପାଇବ ଭାରତର ଅଭିବୃଦ୍ଧି

ନୂଆଦିଲ୍ଲୀ,(ଏଜେନ୍ସି): ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବରେ ଭାରତର ଜିଡିପି (ମୋଟ ଘରୋଇ ଉତ୍ପାଦ) ଅଭିବୃଦ୍ଧି ୨୦୨୬-୨୭ ଆର୍ଥିକ ବର୍ଷରେ ୬ ପ୍ରତିଶତକୁ ହ୍ରାସ ପାଇବ ବୋଲି ଆମେରିକାର ମୁଡିସ୍ ଆକଳନ କରିଛି। ଭାରତର ଅଭିବୃଦ୍ଧି ଚଳିତ ଆର୍ଥିକ ବର୍ଷରେ ୬.୮ ପ୍ରତିଶତ ରହିବ ବୋଲି ସଂସ୍ଥା ପୂର୍ବରୁ ପୂର୍ବାନୁମାନ କରିଥିଲା। କେବଳ ଅଭିବୃଦ୍ଧି ମନ୍ଥର ହେବନାହିଁ ମୁଦ୍ରାସ୍ଫୀତିଜନିତ ବିପଦ ମଧ୍ୟ ବଢ଼ିବ ବୋଲି ଏହି ସଂସ୍ଥା କହିଛି। ମୁଡିସ୍ ନିଜ ରିପୋର୍ଟରେ ଦର୍ଶାଇଛି ଯେ ଯୁଦ୍ଧର ପ୍ରଭାବ ଅଧିକ ଦିନ ଜାରି ରହିଲେ ବିଶେଷକରି ଏଲ୍‌ପିଜି ଆମଦାନି ସମସ୍ୟା ଦେଖାଦେଲେ ଭାରତୀ ପରିବାରରେ ଏହାର ପ୍ରଭାବ ପରିଲକ୍ଷିତ ହେବ। ଇନ୍ଧନ ଓ ପରିବହନ ଖର୍ଚ୍ଚ ବଢ଼ିବ। ଏଥି ବ୍ୟତୀତ ଯେହେତୁ ଭାରତ ସାର ଆମଦାନି ଉପରେ ନିର୍ଭର କରିଥାଏ, ଦେଶରେ ଖାଦ୍ୟ ମୁଦ୍ରାସ୍ଫୀତି ବଢ଼ିବ।

ଭାରତ ମଧ୍ୟପ୍ରାଚ୍ୟ ଅଞ୍ଚଳରୁ ପ୍ରାୟ ୫୫ ପ୍ରତିଶତ ଅଶୋଧିତ ତେଲ ଏବଂ ୯୦ ପ୍ରତିଶତରୁ ଅଧିକ ଏଲ୍‌ପିଜି ଆମଦାନି କରିଥାଏ। ଯଦିଓ ମୁଦ୍ରାସ୍ଫୀତି ବର୍ତ୍ତମାନ ସ୍ଥିତି ନିୟନ୍ତ୍ରଣ ମଧ୍ୟରେ ରହିଛି, ତେବେ ଯୁଦ୍ଧ ପାଇଁ ଏହା ବୃଦ୍ଧି ପାଇବାର ଆଶଙ୍କା ରହିଛି। ୨୦୨୫-୨୬ରେ ଭାରତର ହାରାହାରି ମୁଦ୍ରାସ୍ଫୀତି ୨.୪ ପ୍ରତିଶତ ଥିବାବେଳେ ୨୦୨୬-୨୭ରେ ଏହା ୪.୮ ପ୍ରତିଶତକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ବର୍ତ୍ତମାନର ଦୃଶ୍ୟପଟକୁ ଦେଖିଲେ ରିଜର୍ଭ ବ୍ୟାଙ୍କ ଚଳିତ ଆର୍ଥିକବର୍ଷରେ ସୁଧ ହାରକୁ ସ୍ଥିର ରଖିପାରେ କିମ୍ବା ଧୀରେ ଧୀରେ ବଢ଼ାଇପାରେ।

ମଧ୍ୟପ୍ରାଚ୍ୟ ଯୁଦ୍ଧ (ଫେବୃଆରୀ ୨୮) ଆରମ୍ଭ ହେବା ପରଠାରୁ ବର୍ତ୍ତମାନ ମଧ୍ୟରେ ଅଶୋଧିତ ତେଲ ଦରରେ ୫୦ ପ୍ରତିଶତ ବୃଦ୍ଧି ଘଟିଛି। ସରକାର ନିକଟରେ ପେଟ୍ରୋଲ୍ ଓ ଡିଜେଲ୍‌ର ଉତ୍ପାଦ ଶୁଳ୍କ ହ୍ରାସ କରିଛନ୍ତି। ରାଜସ୍ୱ ଉପରେ ଏହାର ପ୍ରଭାବ ପଡ଼ିବ। ଦରଦାମ ବୃଦ୍ଧି ଫଳରେ ଲୋକଙ୍କ ଖର୍ଚ୍ଚ କମିବ ଏବଂ କମ୍ପାନିଗୁଡ଼ିକର ଲାଭ ପ୍ରଭାବିତ ହେବ। ଜିଏସ୍‌ଟି ଏବଂ କର୍ପୋରେଟ୍ ଟିକସ ମଧ୍ୟ ବାଧାପ୍ରାପ୍ତ ହେବ। ଭାରତୀୟମାନେ ବିଦେଶରୁ ଯେଉଁ ଅର୍ଥ ଭାରତକୁ ପ୍ରତିବର୍ଷ ପଠାନ୍ତି ସେଥିରେ ମଧ୍ୟପ୍ରାଚ୍ୟ ଅଞ୍ଚଳର ଯୋଗଦାନ ପ୍ରାୟ ୪୦ ପ୍ରତିଶତ ରହିଥାଏ। ତାହା ମଧ୍ୟ ପ୍ରଭାବିତ ହେବା ଆଶଙ୍କା ରହିଛି।

ଜାତୀୟ ଚେତନା
JATIYA CHETANA



# ଚର୍ଚ୍ଚାରେ କେରଳର ସବୁଠୁ ଗରିବ ପ୍ରାର୍ଥୀ

## ହାତରେ ୪୦ ଟଙ୍କା, ବ୍ୟାଙ୍କରେ ୪୪ ଟଙ୍କା ଏହି ପ୍ରାର୍ଥୀଙ୍କ ମୋଟ୍ ସମ୍ପତ୍ତି ମାତ୍ର ୮୪ ଟଙ୍କା



ଭୁବନେଶ୍ୱର (ଏଜେନ୍ସି): ଆଜିର ସମୟରେ ଯେଉଁଠି ନିର୍ବାଚନ ଲଢ଼ିବା ପାଇଁ କୋଟି କୋଟି ଟଙ୍କାର ପାଣ୍ଠି, ଗାଡ଼ିର ପଟୁଆର ଏବଂ ବଡ଼ ବଡ଼ ହୋର୍ଡିଂର ଆବଶ୍ୟକତା ପଡ଼େ, ସେଠାରେ ଏମିତି ଜଣେ ଝିଅ ଚର୍ଚ୍ଚାକୁ ଆସିଛନ୍ତି, ଯିଏ ସମ୍ପୂର୍ଣ୍ଣ ସିଷ୍ଟମକୁ ଚ୍ୟାଲେଞ୍ଜ କରିଛନ୍ତି। ଏହା କୌଣସି ସିନେମା ନୁହେଁ ପୂରାପୂରି ସତ କାହାଣୀ। ସେ ଝିଅ ଜଣକ ହେଉଛନ୍ତି କେରଳର ଏର୍ଣ୍ଣାକୁଲମ୍ ନିର୍ବାଚନ ମଣ୍ଡଳୀର ଏସ୍‌ୟୁସିଆଇ ପ୍ରାର୍ଥୀ ଆଶନା ଥାମ୍ପି। ୨୬ ବର୍ଷୀୟା ଆଶନା ଜଣେ ସାଧାରଣ ଝିଅ ନୁହଁନ୍ତି। ସେ ଜର୍ଣ୍ଣାଲିଜମରେ ପୋଷ୍ଟ ଗ୍ରାଜୁଏଟ୍ ଏବଂ ଜଣେ ସମୟର ମୂଲ୍ୟ ବୁଝୁଥିବା ରାଜନୈତିକ କର୍ମୀ। ତାଙ୍କ ବାପା-ମାଆ ଜଣେ ଜଣେ ଦିନମଜୁରିଆ। ଗରିବୀକୁ ଅତି ପାଖରୁ ଦେଖିଥିବା ଆଶନା, ଜନତାଙ୍କ ସ୍ୱର ହେବା ପାଇଁ ଆଜି ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ରୋଚକ କଥା ହେଉଛି ଯେଉଁଠି ବଡ଼ ବଡ଼ ଦଳ ପାଣି ପରି ଟଙ୍କା ଖର୍ଚ୍ଚ କରୁଛନ୍ତି, ଆଶନାଙ୍କ ପାଇଁ ସାଧାରଣ ଜନତା, ବନ୍ଧୁ ଏବଂ ଶୁଭେଚ୍ଛୁମାନେ ୧୦ ଟଙ୍କା, ୨୦ ଟଙ୍କା ଦେଇ ପ୍ରଚାର ଖର୍ଚ୍ଚ ଉଠାଉଛନ୍ତି। ସେ ଅଟୋରେ ବୁଲି, ଲୋକଙ୍କ ପାଖକୁ ଯାଇ ନିଜର ପ୍ରଚାର ନିଜେ କରୁଛନ୍ତି । ତାଙ୍କର ଯୁକ୍ତି ହେଉଛି, ଜଣେ ବ୍ୟକ୍ତିର ବ୍ୟକ୍ତିତ୍ୱ ଏବଂ ତାଙ୍କର ଆଦର୍ଶ ତାଙ୍କ ସମ୍ପତ୍ତିଠାରୁ ଅଧିକ ଦାମୀ ।

ଆଶନା କେବଳ ଭୋଟ୍ ମାଗୁନାହାନ୍ତି, ବରଂ ଏବେର ସମସ୍ୟା ଉଠାଉଛନ୍ତି ଯେ କୋଟାୟମ୍ ମେଡିକାଲ କଲେଜରେ ଡାକ୍ତର ଏବଂ ନର୍ସଙ୍କ ଅଭାବ। ଚାଷୀଙ୍କ ଧାନ ସଂଗ୍ରହରେ ହେଉଥିବା ସମସ୍ୟା ଏବଂ ସ୍ଥାନୀୟ ଅଞ୍ଚଳରେ ପାନୀୟ ଜଳର ସଙ୍କଟ। ଏଭଳି ଜନତାଙ୍କ ମୁଖ୍ୟ ମୁଦ୍ଦା ନେଇ ଭୋଟ୍ ଭିକ୍ଷା କରୁଛନ୍ତି। ଆମେ ସବୁବେଳେ କହୁ ଯେ ରାଜନୀତି ଖରାପ ଲୋକଙ୍କ ପାଇଁ, ଏଠାରେ କେବଳ ଟଙ୍କାବାଲା ହିଁ ଜିତନ୍ତି। କିନ୍ତୁ ଆଶନା ଥାମ୍ପି ପ୍ରମାଣ କରିଛନ୍ତି ଯେ ଯଦି ସାହସ ଏବଂ ସଚ୍ଚୋଟତା ଥାଏ, ତେବେ ଖାଲି ପକେଟରେ ବି ଗଣତନ୍ତ୍ରର ସବୁଠାରୁ ବଡ଼ ଲଢ଼େଇ ଲଢ଼ାଯାଇପାରିବ।

# ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଓଡ଼ିଶାର ସ୍ଥିତି ଉନ୍ନତ

ଭୁବନେଶ୍ୱର,(ଜା.ପ୍ର): ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଓଡ଼ିଶା ଅନ୍ୟ ରାଜ୍ୟ ତୁଳନାରେ ଉନ୍ନତ ସ୍ଥିତିରେ ରହିଛି। ବର୍ତ୍ତମାନ ରାଜ୍ୟରେ ଅନେକଗୁଡ଼ିଏ ବୃହତ ପ୍ରକଳ୍ପ ଚାଲୁ ରହିଥିବାବେଳେ ଆଗାମୀ ଦିନରେ ଆହୁରି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ। ରାଜ୍ୟର ଜନସାଧାରଣଙ୍କୁ ସର୍ବଶ୍ରେଷ୍ଠ ଓ ଗୁଣାତ୍ମକ ସୁବିଧା ଯୋଗାଇବା ନିମନ୍ତେ ରାଜ୍ୟ ସରକାର ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି, ସେହି ଅନୁସାରେ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉଲ୍ଲେଖ କରିଛନ୍ତି। ନିର୍ମାଣ ବିଭାଗ ଅଧୀନସ୍ଥ ବିଭିନ୍ନ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟାନ୍ୱୟନର ସମୀକ୍ଷା ବୈଠକରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଏହା କହିଛନ୍ତି। ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ରାଜ୍ୟରେ ଚାଲୁ ରହିଥିବା ରାଜ୍ୟ ରାଜପଥ ପ୍ରକଳ୍ପ, ଓବିସିସି ଅଧୀନରେ ଥିବା ବିଭିନ୍ନ ପ୍ରକଳ୍ପ, ଭୁବନେଶ୍ୱର, ସମ୍ବଲପୁର, କଟକ, ରାଉରକେଲା, ପୁରୀ, ବାଲେଶ୍ୱର, କେଉଁଝର ଏବଂ ବ୍ରହ୍ମପୁର ଆଦି ସହରରେ ଗମନାଗମନ କ୍ଷେତ୍ରରେ ଭିଡ଼ ହ୍ରାସ ପାଇଁ ଜାରି ପ୍ରକଳ୍ପଗୁଡ଼ିକର ଅଗ୍ରଗତି ନେଇ ଆଲୋଚନା କରିଥିଲେ। ବୈଠକରେ ଆଗାମୀ ତିନି ବର୍ଷ ପାଇଁ ଯୋଜନା ପ୍ରସ୍ତୁତ କରି ଏହାର ରୂପାୟନ, ପ୍ରମୁଖ ମନ୍ଦିରଗୁଡ଼ିକର ଉନ୍ନତିକରଣ, ରାସ୍ତାଗୁଡ଼ିକର ପ୍ରଶସ୍ତିକରଣ, ନିୟମିତ ମରାମତି ସହ ରାସ୍ତା ପାର୍ଶ୍ୱର୍ରେ ସର୍ବନିମ୍ନ ସୁବିଧା ପାଇଁ ଆଲୋଚନା ହୋଇଥିଲା। ଏଥି ସହିତ ଗ୍ରାମ୍ୟ ଉନ୍ନୟନ ବିଭାଗରୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହୋଇଥିବା ପ୍ରାୟ ୩୩୦୦ କିମି ରାସ୍ତାର ଉନ୍ନୟନ କାର୍ଯ୍ୟକୁ ତ୍ୱରିତ ଗତିରେ ଆଗେଇ ନେବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀ ଏବଂ ଇଞ୍ଜିନିୟରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ବିଭାଗ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନଙ୍କୁ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଶାସନ ସଚିବ ଇଂ ଲକ୍ଷ୍ମୀକାନ୍ତ ପାଢ଼ୀ, ଅତିରିକ୍ତ ଶାସନ ସଚିବ ଦୀପକ ରଞ୍ଜନ ଦାସ, ଇଆଇସି ସିଭିଲ୍ ଇଂ ସତ୍ୟବ୍ରତ ବେହେରା, ଇଆଇସି ଡିଜାଇନ୍, ପ୍ଲାନିଂ ଓ କୋର୍ଡିନେସନ୍ ଇଂ ସମୀର ହୋତା, ଉପଦେଷ୍ଟା ଜେକେ ଦାସ, ଇଆଇସି, ରୋଡସ୍ ଇଂ ଧ୍ୟାନଚାନ୍ଦ ନାୟକ, ଯୁଗ୍ମ ଶାସନ ସଚିବ ଦୀପ୍ତିରଞ୍ଜନ ବେହେରା, ଅର୍ଥ ପରାମର୍ଶଦାତା ରତିକାନ୍ତ ମହାପାତ୍ର, ଜାତୀୟ ରାଜପଥ ମୁଖ୍ୟଯନ୍ତ୍ରୀ ଇଂ ନାରାୟଣ ପଟେଲ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ ମନୋଜ ମହାନନ୍ଦ, ମୁଖ୍ୟଯନ୍ତ୍ରୀ ଇଂ ଶିବବ୍ରତ ତରିଆ ପ୍ରମୁଖ ଉପସ୍ଥିତ ଥିଲେ।

# ଶିକ୍ଷାନୁଷ୍ଠାନରେ ବଢ଼ିଲା ସଂରକ୍ଷଣ ସିଟ୍ ସଂଖ୍ୟା

ଭୁବନେଶ୍ୱର,(ଜା.ପ୍ର): ଓଡ଼ିଶାର ମେଡିକାଲ୍, ଇଞ୍ଜିନିୟରିଂ, ଅନ୍ୟାନ୍ୟ ଉଚ୍ଚଶିକ୍ଷା ଓ ପ୍ରଯୁକ୍ତିବିଦ୍ୟା ଶିକ୍ଷା ପାଠ୍ୟକ୍ରମରେ ନାମଲେଖା ପାଇଁ ସଂରକ୍ଷଣ ନୀତିରେ ରାଜ୍ୟ ସରକାର ବଡ଼ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏଣିକି ରାଜ୍ୟର ଅନୁସୂଚିତ ଜନଜାତି ୨୨.୫୦ ପ୍ରତିଶତ, ଅନୁସୂଚିତ ଜାତି ୧୬.୨୫ ପ୍ରତିଶତ ଏବଂ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆବର୍ଗ ଛାତ୍ରଛାତ୍ରୀମାନେ ୧୧.୨୫ ପ୍ରତିଶତ ସଂରକ୍ଷଣ ପାଇବେ। ଏନେଇ ଅନୁସୂଚିତ ଜାତି, ଜନଜାତି ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗର ଆସିଥିବା ପ୍ରସ୍ତାବରେ କ୍ୟାବିନେଟ୍ ମୋହର ବାଜିଛି। ଲୋକସେବା ଭବନରେ ବସିଥିବା ଗୁରୁତ୍ୱପୂର୍ଣ୍ଣ ରାଜ୍ୟ କ୍ୟାବିନେଟ୍‌ର ବୈଠକ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାର ମେଡିକାଲ, ଇଞ୍ଜିନିଅରିଂ, ଅନ୍ୟାନ୍ୟ ଉଚ୍ଚଶିକ୍ଷା ଓ ପ୍ରଯୁକ୍ତିବିଦ୍ୟା ଶିକ୍ଷା ପାଠ୍ୟକ୍ରମରେ ନାମଲେଖା ପାଇଁ ସଂରକ୍ଷଣ ନୀତିରେ ରାଜ୍ୟ କ୍ୟାବିନେଟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏହି ସଂରକ୍ଷଣ ବ୍ୟବସ୍ଥା ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ, ସେମାନଙ୍କର ଅନୁବନ୍ଧିତ କଲେଜ ଓ ଶିକ୍ଷାନୁଷ୍ଠାନ, ଆଇ.ଟି.ଆଇ ଏବଂ ପଲିଟେକ୍‌ନିକ୍ ଗୁଡିକରେ ପ୍ରଦାନ କରାଯାଉଥିବା ଇଞ୍ଜିନିଅରିଂ, ଟେକ୍ନୋଲୋଜି, ମ୍ୟାନେଜ୍‌ମେଣ୍ଟ, କମ୍ପ୍ୟୁଟର ଆପ୍ଲିକେସନ୍, ମେଡିସିନ୍, ସର୍ଜରୀ, ଡେଣ୍ଟାଲ, ନର୍ସିଂ, ଫାର୍ମାସି, ଆନୁସଙ୍ଗିକ ସ୍ୱାସ୍ଥ୍ୟ ବିଜ୍ଞାନ, ପ୍ରାଣିଚିକିତ୍ସା ବିଜ୍ଞାନ, ଆୟୁର୍ବେଦ, ହୋମିଓପ୍ୟାଥି, ଏଗ୍ରିକଲ୍ଚର ଆଣ୍ଡ ଆଲାଏଡ୍ ସାଇନ୍ସେସ୍, ଆର୍କିଟେକ୍‌ଚ, ପ୍ଲାନିଙ୍ଗ୍, ସିନେମାଟିକ ଆର୍ଟ ଆଣ୍ଡ ଟେକ୍ନୋଲୋଜି ଆଦି ଶିକ୍ଷାନୁଷ୍ଠାନରେ କାର୍ଯ୍ୟକାରୀ ହେବ ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ଅନୁସୂଚିତ ଜନଜାତିଙ୍କ ସଂଖ୍ୟା ୨୨ ପ୍ରତିଶତରୁ ଅଧିକ ଥିଲେ ମଧ୍ୟ ଦୀର୍ଘଦିନ ଧରି ରାଜ୍ୟର ବୈଷୟିକ, ବୃତ୍ତିଗତ, ମେଡିକାଲ ଓ ଆନୁସଙ୍ଗିକ ପାଠ୍ୟକ୍ରମରେ ସେମାନଙ୍କ ପାଇଁ ସଂରକ୍ଷଣ ମାତ୍ର ୧୨ ପ୍ରତିଶତ ଥିଲା। ସେହିପରି ଅନୁସୂଚିତ ଜାତିଙ୍କ ସଂଖ୍ୟା ୧୭ ପ୍ରତିଶତରୁ ଅଧିକ ଥିଲେ ମଧ୍ୟ ସେମାନଙ୍କ ପାଇଁ ମାତ୍ର ୮ ପ୍ରତିଶତ ସଂରକ୍ଷଣ ଥିଲା । ସେହିପରି ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗ ମାନଙ୍କ ପାଇଁ କୌଣସି ସଂରକ୍ଷଣ ନଥିଲା । ସାମାଜିକ ନ୍ୟାୟ ପ୍ରଦାନ ଓ ସଶକ୍ତିକରଣ କ୍ଷେତ୍ରରେ ଏହି ପାର୍ଥକ୍ୟ ସମସ୍ୟା ସୃଷ୍ଟି କରୁଥିଲା । ମୋ ପାଇଁ ବ୍ୟକ୍ତିଗତ ଭାବେ ଅତ୍ୟନ୍ତ ଆନନ୍ଦର ବିଷୟ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ନେତୃତ୍ୱରେ ଆମେ ଏହି ଏସ୍‌ସି,ଏସ୍‌ଟି ଓ ପଛୁଆ ବର୍ଗ ପିଲାମାନଙ୍କର ଶିକ୍ଷାଗତ ଅଧିକାର ଓ ସଶକ୍ତିକରଣ ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇପାରିଛୁ । ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଆମର ଏହି ପଦକ୍ଷେପ ଏକ ବଳିଷ୍ଠ ମାଧ୍ୟମ ହେବ। ଅଣ୍ଡର ଗ୍ରାଜୁଏଟ୍ ଓ ପୋଷ୍ଟ ଗ୍ରାଜୁଏଟ୍‌କୁ ମିଶାଇ ରାଜ୍ୟର ସମୁଦାୟ ମେଡ଼ିକାଲ ସିଟ ସଂଖ୍ୟା ୨୪୨୧। ଏହି ନୂତନ ସଂରକ୍ଷଣ ନୀତି କାର୍ଯ୍ୟକାରୀ ହେବା ପରେ ଏଥିମଧ୍ୟରୁ ଅନୁସୂଚିତ ଜନଜାତି (ଏସ୍‌ଟି)ଙ୍କ ପାଇଁ ସିଟ ସଂଖ୍ୟା ୨୯୦ ରୁ ବୃଦ୍ଧି ପାଇ ୫୪୫ରେ ପହଞ୍ଚିବ। ସେହିପରି ଅନୁସୂଚିତ ଜାତି (ଏସ୍‌ସି)ଙ୍କ ପାଇଁ ସିଟ୍ ସଂଖ୍ୟା ୧୯୩ରୁ ବୃଦ୍ଧି ପାଇ ୩୯୩ ହେବ। ସେହିପରି ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆବର୍ଗ (ଏସ୍‌ସିବିସି)ର ଛାତ୍ରଛାତ୍ରୀମାନଙ୍କ ପାଇଁ ୨୭୨ ସିଟ୍ ସଂରକ୍ଷିତ ରହିବ। ପୂର୍ବରୁ ଏହିସଂଖ୍ୟା ଶୂନ୍ ଥିଲା। ସେହିଭଳି ରାଜ୍ୟରେ ସମୁଦାୟ ଇଞ୍ଜିନିୟରିଂ ସିଟ ସଂଖ୍ୟା ୪୪,୫୭୯ ମଧ୍ୟରୁ ଅନୁସୂଚିତ ଜନଜାତି (ଏସ୍‌ଟି)ଙ୍କ ପାଇଁ ଆସନ ସଂଖ୍ୟା ୫,୩୪୯ରୁ ବୃଦ୍ଧି ପାଇ ୧୦,୦୩୦ ହେବ । ଅନୁସୂଚିତ ଜାତି (ଏସ୍‌ସି)ଙ୍କ ପାଇଁ ଆସନ ସଂଖ୍ୟା ୩,୫୬୬ରୁ ୭୨୪୪କୁ ବୃଦ୍ଧି ପାଇବ। ସେହିପରି ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆବର୍ଗ (ଏସ୍‌ସିବିସି)ର ଛାତ୍ରଛାତ୍ରୀମାନଙ୍କ ପାଇଁ ୫୦୧୫ ସଂରକ୍ଷିତ ରହିବ। ପୂର୍ବରୁ ଏହିସଂଖ୍ୟା ଶୂନ ଥିଲା। ଏବେ ସ୍ଥିତି ବଦଳିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

# ପିଲାଙ୍କୁ ଖଡ଼ି ଛୁଆଁଇଲେ ମୁଖ୍ୟମନ୍ତ୍ରୀ, ହାତଧରି ଲେଖାଇଲେ 'ମା-ବାପା'




ଭୁବନେଶ୍ୱର,(ଜା.ପ୍ର): 'ଖଡ଼ିଛୁଆଁ ଆମ ଓଡ଼ିଆ ସଂସ୍କୃତିରେ ଏକ ପବିତ୍ର ପରମ୍ପରା। ଗତ ବର୍ଷଠାରୁ ଏହି ପରମ୍ପରାକୁ ସରକାରୀସ୍ତରରେ କାର୍ଯ୍ୟକାରୀ କରାଯାଇଛି। ପିଲାଙ୍କ ନାମଲେଖା ହାରକୁ ବ୍ୟାପକ କରିବା ଲକ୍ଷ୍ୟରେ ଆମେ ରାଜ୍ୟରେ ରେକର୍ଡ ସଂଖ୍ୟକ ପ୍ରାୟ ୫ ଲକ୍ଷ ନିମନ୍ତ୍ରଣ ପତ୍ର ଚଳିତ ବର୍ଷ ବଣ୍ଟନ କରିଛୁ। ରାଜ୍ୟରେ କୌଣସି ବି ଶିଶୁ ଯେପରି ଶିକ୍ଷାରୁ ବଞ୍ଚିତ ନହୁଅନ୍ତୁ, ତାକୁ ସୁନିଶ୍ଚିତ କରିବା ପାଇଁ ଆମେ ଏହି ଉତ୍ସବ ଆରମ୍ଭ କରିଛୁ। ଶିଶୁର ମନରେ ଶିକ୍ଷାପ୍ରତି ଯେପରି ଭୟ ନୁହଁ, ଆଗ୍ରହ ଓ ଶ୍ରଦ୍ଧା ସୃଷ୍ଟି ହେବ, ଆମେ ସେଥିପାଇଁ ସମସ୍ତ ପଦକ୍ଷେପ ନେଉଛୁ। ଆମର ଲକ୍ଷ୍ୟ ହେଉଛି ଶତ ପ୍ରତିଶତ ନାମଲେଖା।' ଶନିବାର ରାଜ୍ୟସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ-୨୦୨୬ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ଏଥିସହ ନୂତନ ଶିକ୍ଷାନୀତି ଅନୁଯାୟୀ ଅଙ୍ଗନବାଡ଼ିଗୁଡିକ ପର୍ଯ୍ୟାୟକ୍ରମେ ଶିଶୁବାଟିକାରେ ମିଶିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶିଶୁବାଟିକାରୁ ପ୍ରାଥମିକ ଶିକ୍ଷା ଗୋଟିଏ ଛାତ ତଳେ ରହିବ। ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ କରିବାକୁ ପ୍ରତି ଗାଁରେ ହେବ ମଡେଲ୍ ସ୍କୁଲ୍। ୫ ଏକର ଜାଗାରେ ନିର୍ମାଣ ହେବ ଗୋଦାବରୀଶ ମିଶ୍ର ପ୍ରାଥମିକ ସ୍କୁଲ୍। ୬ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ପ୍ରାଥମିକ ସ୍କୁଲ ନିର୍ମାଣ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଆରମ୍ଭ ହୋଇଛି ନୂତନ ଶିକ୍ଷା ବର୍ଷ। ରାଜ୍ୟବ୍ୟାପୀ ଖଡ଼ି ଛୁଆଁ ସହ ନୂଆ ଶ୍ରେଣୀ ଗୃହରେ ପିଲାଙ୍କ ପାଇଁ ପ୍ରବେଶ ଉତ୍ସବ ପାଳନ ହୋଇଛି। ଭୁବନେଶ୍ୱର ରାଜଭବନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପିଲାମାନଙ୍କୁ ଖଡ଼ି ଓ ସିଲଟରେ ମା' ଓ ବାପା ଶବ୍ଦ ଲେଖାଇ ପାଠପଢ଼ା ଆରମ୍ଭ କରାଇଥିଲେ। ଜଣେ ଅନୁଭବୀ ଶିକ୍ଷକ ଓ ମୁରବି ଭଳି ପିଲାର ମାନସିକତାକୁ ଲକ୍ଷ୍ୟ କରି ମୁଖ୍ୟମନ୍ତ୍ରୀ ପିଲାଙ୍କ ମନ ଜିଣିଲା ଭଳି ପିଲାଙ୍କୁ ପଚାରିଥିଲେ 'ମା'ଙ୍କ ନାଁ କଣ? ବାପାଙ୍କ ନାଁ କଣ? ମାମୁଁ ଘର କେଉଁଠି? କଣ ଖାଇକି ଆସିଛ? ଇତ୍ୟାଦି'। ଏହିପରି ମନକୁ ଛୁଇଁଲା ପରି କଥାବାର୍ତ୍ତା ଜରିଆରେ ସେମାନଙ୍କର ଉତ୍ସାହ ବୃଦ୍ଧି କରି ବିଦ୍ୟାରମ୍ଭକୁ ସହଜ କରିଥିଲେ ମୁଖ୍ୟମନ୍ତ୍ରୀ।

ପ୍ରଥମେ ମୁଖ୍ୟମନ୍ତ୍ରୀ 'ନିପୁଣ ଓଡ଼ିଶା' ଓ 'ପଢ଼ିବା, ଗଢିବା ଓଡ଼ିଶା' ଅଭିଯାନରେ ବିଭିନ୍ନ ବିଦ୍ୟାଳୟମାନଙ୍କରେ ପିଲାଙ୍କ ପାଇଁ ବିକଶିତ କରାଯାଇଥିବା ବିଷୟବସ୍ତୁ ଆଧାରିତ ଶିକ୍ଷଣୀୟ ସାମଗ୍ରୀ ପ୍ରଦର୍ଶନୀକୁ ବୁଲି ଦେଖିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ଶିକ୍ଷା ସହାୟତା ସାମଗ୍ରୀ କିଟ୍ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପିଲାଙ୍କ ଦ୍ୱାରା ଅନୁଷ୍ଠିତ ହେଉଥିବା ଚିତ୍ରାଙ୍କନ ଷ୍ଟଲକୁ ବୁଲି ଦେଖିବା ସହିତ ପିଲାମାନଙ୍କୁ ପ୍ରଶଂସା କରିଥିଲେ। ଛୋଟ ଛୋଟ ପିଲାମାନେ ମଧ୍ୟ ସେମାନଙ୍କ ସ୍ୱଅଙ୍କିତ ଚିତ୍ର ମୁଖ୍ୟମନ୍ତ୍ରୀଙ୍କୁ ଉପହାର ଦେଇଥିଲେ।

ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆପଣମାନେ ସରକାରଙ୍କ ବିଭିନ୍ନ ଯୋଜନା ଓ ଜନସାଧାରଣଙ୍କ ମଧ୍ୟରେ ଏକ ସେତୁ ଭଳି କାମ କରିଥାନ୍ତି। ଓଡ଼ିଶାର ପ୍ରତିଟି ଶିଶୁ ହେଉଛି ଆମର ଭବିଷ୍ୟତ। ତେଣୁ ଶିକ୍ଷା ହିଁ ପ୍ରକୃତ ସମ୍ପଦ ବୋଲି ଜନସଚେତନତା ସୃଷ୍ଟି କରନ୍ତୁ। ଆମର ଏହି ଶିକ୍ଷା ଅଭିଯାନକୁ ଆପଣମାନେ ବିଭିନ୍ନ ଗଣମାଧ୍ୟମ ଜରିଆରେ ରାଜ୍ୟବ୍ୟାପୀ ଏକ ଆନ୍ଦୋଳନରେ ପରିଣତ କରନ୍ତୁ। ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପରାମର୍ଶ ଦେଇ କହିଲେ ଯେ, ପିଲାମାନଙ୍କୁ ନିଜ ପିଲାଭଳି ସ୍ନେହ କରନ୍ତୁ, ସେମାନଙ୍କ ପ୍ରତିଭାକୁ ସଠିକ୍ ଭାବେ ନିରୁପଣ କରି ତା'ର ବିକାଶ ପ୍ରତି ଯତ୍ନବାନ ହୁଅନ୍ତୁ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପତାକା ଦେଖାଇ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରିଥିଲେ।

କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମେୟରସୁଲୋଚନା ଦାସ, ସମାଜସେବୀ ଜଗନ୍ନାଥ ପ୍ରଧାନ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଏନ୍. ଥିରୁମାଲା ନାୟକ, ଓସେପାର ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ଜାତୀୟ ଚେତନା
JATIYA CHETANA

# ‘ଲିଗ୍ ଅଫ୍ ନେସନ୍ସ’ରୁ ଶିକ୍ଷା

ମାନବ ସଭ୍ୟତାର ଇତିହାସ କେବଳ ପ୍ରଗତିର ନୁହେଁ, ବରଂ ଅହଂକାର ଏବଂ ବିଧ୍ୱଂସର ଏକ ରକ୍ତାକ୍ତ ଦଲିଲ୍। ଜର୍ମାନିର କାଇଜର ଉଇଲିୟମ ଦ୍ୱିତୀୟଙ୍କ ରଣୋନ୍ମତ୍ତ ନୀତି ଯେତେବେଳେ ପ୍ରଥମ ବିଶ୍ୱଯୁଦ୍ଧର ରୂପ ନେଲା, ସେତେବେଳେ ସାରା ପୃଥିବୀ ସ୍ତବ୍ଧ ହୋଇଯାଇଥିଲା। ସେହି ଶ୍ମଶାନର ପାଉଁଶ ମଧ୍ୟରୁ ବିଶ୍ୱବିବେକର ଜାଗରଣ ସ୍ୱରୂପ ୧୯୨୦ ମସିହାରେ ପ୍ୟାରିସ ନଗରୀରେ ଜନ୍ମ ନେଇଥିଲା ‘ଲିଗ୍ ଅଫ୍ ନେସନ୍ସ’। ଏହାର ମୂଳ ଲକ୍ଷ୍ୟ ଥିଲା-ପୃଥିବୀରୁ ଯୁଦ୍ଧର କଳାବାଦଲକୁ ହଟାଇ ଏକ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିବା। ମାତ୍ର ବିଡ଼ମ୍ବନାର ବିଷୟ, ଯେଉଁ ଉଦ୍ଦେଶ୍ୟରେ ଏହି ସଂଗଠନ ଗଢ଼ାଯାଇଥିଲା, ତାହା ମାତ୍ର ଦୁଇ ଦଶନ୍ଧି ମଧ୍ୟରେ ଧୂଳିସାତ୍ ହୋଇଗଲା।

ଇତିହାସ ସାକ୍ଷୀ ଅଛି ଯେ, ଶାନ୍ତି ପାଇଁ କେବଳ ସଂଗଠନ ନୁହେଁ ବରଂ ଦୃଢ଼ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି। ୧୯୩୧ ମସିହାରେ ଜାପାନ ଯେତେବେଳେ ଚୀନ୍‌ର ମାଞ୍ଚୁରିଆ ଆକ୍ରମଣ କଲା, ‘ଲିଗ୍ ଅଫ୍ ନେସନ୍ସ’ ପ୍ରଥମ ଥର ପାଇଁ ନିଜର ଅସହାୟତା ପ୍ରକାଶ କରିଥିଲା। ଏହି ଦୁର୍ବଳତାର ସୁଯୋଗ ନେଇ ଇଟାଲିର ଫାସିଷ୍ଟ ଶାସକ ମୁସୋଲିନି ଆଲବାନିଆ ଓ ଆବିସିନିଆ ଦଖଲ କଲେ। ଏତିକିରେ ବିଶ୍ୱର ବିଭୀଷିକା ଶେଷ ହୋଇନଥିଲା। ନାଜି ଶାସକ ହିଟଲରଙ୍କ ସାମ୍ରାଜ୍ୟବାଦୀ କ୍ଷୁଧା ଜର୍ମାନିର ସୀମା ଡେଇଁ ଅଷ୍ଟ୍ରିଆ, ନରୱେ, ଡେନ୍‌ମାର୍କ, ହଲାଣ୍ଡ ଓ ବେଲଜିୟମକୁ ଗ୍ରାସ କରି ଚାଲିଲା। ପୃଥିବୀ ଦେଖିଲା ଶାନ୍ତି ପ୍ରତିଷ୍ଠା ପାଇଁ ଗଢ଼ାଯାଇଥିବା ଏକ ବିଶ୍ୱ ସଂଗଠନର ମୃତ୍ୟୁ ଘଣ୍ଟି। ଜର୍ମାନ୍ ଟ୍ୟାଙ୍କ ଯେତେବେଳେ ପ୍ୟାରିସ ଅତିକ୍ରମ କରି ମସ୍କୋ ଅଭିମୁଖେ ମାଡ଼ିଚାଲିଲା, ସେତେବେଳେ ‘ଲିଗ୍ ଅଫ୍ ନେସନ୍ସ’ କେବଳ ଏକ କାଗଜୀ ସଂଗଠନରେ ପରିଣତ ହୋଇସାରିଥିଲା। ଏହି ବିଫଳତା ହିଁ ଦ୍ୱିତୀୟ ବିଶ୍ୱଯୁଦ୍ଧର ପ୍ରଳୟଙ୍କରୀ ଅଗ୍ନିକୁ ନିମନ୍ତ୍ରଣ କରିଥିଲା।

ଆଜିର ଜାତିସଂଘ ସେହି ପୁରୁଣା ଅନୁଭୂତିରୁ ଶିକ୍ଷା ନେଇ ଗଢ଼ାଯାଇଛି ସତ, ମାତ୍ର ଇତିହାସର ଏହି ପୃଷ୍ଠାଗୁଡ଼ିକ ଆମକୁ ମନେ ପକାଇଦିଏ ଯେ-ଯଦି ଶକ୍ତିଶାଳୀ ରାଷ୍ଟ୍ରମାନେ ନିଜର ସ୍ୱାର୍ଥ ଓ ଅହଂକାରକୁ ଶାନ୍ତିର ଊର୍ଦ୍ଧ୍ୱରେ ରଖିବେ, ତେବେ ଯେକୌଣସି ଶାନ୍ତି ସଂଗଠନର ପରିଣତି ‘ଲିଗ୍ ଅଫ୍ ନେସନ୍ସ’ ଭଳି ହେବାକୁ ବେଶି ସମୟ ଲାଗିବ ନାହିଁ। ଯୁଦ୍ଧ କେବଳ ସୀମା ବଦଳାଏ ନାହିଁ, ବରଂ ମାନବିକତାକୁ ସମାଧି ଦିଏ। ଦ୍ୱିତୀୟ ବିଶ୍ୱଯୁଦ୍ଧର ସେହି କଳା ଅଧ୍ୟାୟ ପୃଥିବୀକୁ ସ୍ତବ୍ଧ କରିଦେବା ପରେ ପୁଣି ଥରେ ଶାନ୍ତି ପାଇଁ ଆରମ୍ଭ ହୋଇଥିଲା ମାନବୀୟ ପ୍ରୟାସ। ୧୯୪୧ ଅଗଷ୍ଟରେ ଆଟଲାଣ୍ଟିକ ମହାସାଗରର ବକ୍ଷରେ ‘ଅଗଷ୍ଟା’ ଯୁଦ୍ଧଜାହାଜ ଉପରେ ୱିନଷ୍ଟନ ଚର୍ଚ୍ଚିଲ ଓ ଫ୍ରାଙ୍କଲିନ୍ ଡି. ରୁଜଭେଲ୍‌ଟଙ୍କ ସେହି ଐତିହାସିକ ସାକ୍ଷାତକାର ଥିଲା ଏକ ନୂତନ ବିଶ୍ୱ ବ୍ୟବସ୍ଥାର ମୂଳଦୁଆ। ପରେ ୧୯୪୩ରେ ତେହେରାନଠାରେ ଜୋସେଫ ଷ୍ଟାଲିନଙ୍କ ସହ ମିଳିତ ଆଲୋଚନା ଏହି ପ୍ରୟାସକୁ ଆହୁରି ବେଗବାନ କରିଥିଲା। ଏହାର ଶୁଭଫଳ ସ୍ୱରୂପ ୧୯୪୫ ଅକ୍ଟୋବର ୨୪ରେ ସାନ ଫ୍ରାନ୍‌ସିସ୍‌କୋଠାରେ ୫୧ଟି ରାଷ୍ଟ୍ରକୁ ନେଇ ଜନ୍ମ ନେଲା ‘ମିଳିତ ଜାତିସଂଘ’। ପୃଥିବୀକୁ ଏକ ପରିବାର ଭାବେ ଗଢ଼ିବାର ସଙ୍କଳ୍ପ ନିଆଗଲା ସତ, ମାତ୍ର ପ୍ରଶ୍ନ ଉଠେ-ପ୍ରକୃତରେ କ’ଣ ବିଶ୍ୱ ଶାନ୍ତିର ସ୍ୱପ୍ନ ସାକାର ହେଲା ?

ଇତିହାସର ପୃଷ୍ଠା ଓଲଟାଇଲେ ଦେଖାଯାଏ ଯେ, ଜାତିସଂଘ ଗଠନର ମାତ୍ର କିଛି ବର୍ଷ ମଧ୍ୟରେ ସାମ୍ୟବାଦୀ ସୋଭିଏତ ରୁଷ ଓ ପୁଞ୍ଜିବାଦୀ ଆମେରିକା ମଧ୍ୟରେ ଆରମ୍ଭ ହୋଇଥିଲା ‘ଶୀତଳ ଯୁଦ୍ଧ’। ୧୯୪୯ରେ ଆମେରିକା ନେତୃତ୍ୱରେ ‘ନାଟୋ’ ଏବଂ ଜବାବରେ ୧୯୫୫ରେ ସୋଭିଏତ ନେତୃତ୍ୱରେ ‘ୱାରସା ପ୍ୟାକ୍ଟ’ ଭଳି ସାମରିକ ମେଣ୍ଟ ବିଶ୍ୱକୁ ଦୁଇ ଭାଗରେ ବିଭକ୍ତ କରିଦେଲା। ବର୍ଲିନ ଅବରୋଧଠାରୁ ଆରମ୍ଭ କରି କୋରିଆ ଓ ଭିଏତନାମ ଯୁଦ୍ଧର ସେହି ଭୟାବହତା ପ୍ରମାଣ କରିଦେଲା ଯେ, ଶାନ୍ତିର ସ୍ଲୋଗାନ ପଛରେ ଯୁଦ୍ଧର ପ୍ରସ୍ତୁତି କେବେ ଅଟକି ନାହିଁ।

ଏସିଆ, ଆଫ୍ରିକା ଓ ମଧ୍ୟପ୍ରାଚ୍ୟର ଅଜସ୍ର ରକ୍ତାକ୍ତ ସଂଘର୍ଷ, ଗଣମୃତ୍ୟୁ ଏବଂ ବିସ୍ଥାପନର କରୁଣ ଚିତ୍ର ଆଜି ବି ମାନବିକତାକୁ ପରିହାସ କରୁଛି। ସବୁଠାରୁ ବଡ଼ ବିଡ଼ମ୍ବନା ହେଉଛି, ଅନେକ ସମୟରେ ଜାତିସଂଘ କେବଳ ବୃହତ୍ ଶକ୍ତିମାନଙ୍କ ହାତର ଏକ କ୍ରୀଡ଼ନକ ସଦୃଶ ମନେହୁଏ। ଶାନ୍ତି ପ୍ରତିଷ୍ଠାର ମହାନ ବାର୍ତ୍ତା ବାରମ୍ବାର ବଡ଼ ଦେଶମାନଙ୍କ ଭୂ-ରାଜନୈତିକ ସ୍ୱାର୍ଥ ଓ ଅହଂକାର ନିକଟରେ ବଳି ପଡ଼ିଛି। ‘ଲିଗ୍ ଅଫ୍ ନେସନ୍ସ’ ଯେଉଁ ଅସହାୟତାର ଶିକାର ହୋଇଥିଲା, ଜାତିସଂଘ ଆଜି ସେହି ଏକା ଚକ୍ରବ୍ୟୂହ ମଧ୍ୟରେ ଛନ୍ଦି ହୋଇ ରହିଛି। ସୁତରାଂ, ପୃଥିବୀ ଯୁଦ୍ଧର ବିଭୀଷିକାରୁ କେବେ ମୁକ୍ତ ହେବ, ତାହା ଆଜି ବି ମାନବ ସଭ୍ୟତା ପାଇଁ ଏକ ଅସମାହିତ ପ୍ରଶ୍ନ ହୋଇ ରହିଛି। ସାଂପ୍ରତିକ ପଶ୍ଚିମ ଏସିଆ ଯୁଦ୍ଧର ବିଭୀଷିକା ମଧ୍ୟରେ ଜାତିସଂଘର ଭୂମିକାକୁ ନେଇ ପୁଣି ଥରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କିନ୍ତୁ ଗଭୀର ଭାବେ ଅନୁଧ୍ୟାନ କଲେ ଏହି ପ୍ରଶ୍ନ ଅନେକ ସମୟରେ ଅପ୍ରାସଙ୍ଗିକ ମନେହୁଏ। କାରଣ ମିଳିତ ଜାତିସଂଘର ସାଂଗଠନିକ ‘ଡିଏନ୍‌ଏ’ରେ ଆମେରିକା ପ୍ରତି ଏକ ମାତ୍ରାତିରିକ୍ତ ଅନୁରକ୍ତି ବାରି ହୋଇପଡ଼େ। ଅତୀତରେ ଆଫଗାନିସ୍ତାନ ଓ ଇରାକ ଉପରେ ଆମେରିକାର ସାମରିକ ଆକ୍ରମଣକୁ ଜାତିସଂଘ ଯେଉଁଭଳି ଭାବେ ସ୍ୱୀକୃତି ପ୍ରଦାନ କରିଥିଲା, ତାହା ଏହି ସଂଗଠନର ନିରପେକ୍ଷତା ଉପରେ ଏକ ବଡ଼ ଦାଗ। ଶାନ୍ତି ପ୍ରତିଷ୍ଠା ନାମରେ ବିଭିନ୍ନ ଦେଶ ଉପରେ କଠୋର ଆନ୍ତର୍ଜାତିକ କଟକଣା ଜାରି କରି ଜାତିସଂଘ ଅନେକ ସମୟରେ ସମର-ବିଳାସୀ ଆମେରିକାର ଏକ ବାଜ୍ୟାପ୍ତ ଅନୁଷ୍ଠାନ ଭଳି ପ୍ରତିଭାତ ହୋଇଛି।ଜାତିସଂଘର ଗଠନତାନ୍ତ୍ରିକ ବୈଷମ୍ୟ ମଧ୍ୟ ଏବେ ସ୍ପଷ୍ଟ। ଭାରତ ଆଜି ବିଶ୍ୱର ବୃହତ୍ତମ ଗଣତନ୍ତ୍ର ଏବଂ ଚତୁର୍ଥ ବୃହତ୍ତମ ଅର୍ଥନୀତି ହୋଇଥିଲେ ହେଁ, ତାକୁ ନିରାପତ୍ତା ପରିଷଦରେ ସ୍ଥାୟୀ ସଦସ୍ୟତା ମିଳୁନାହିଁ। କେବଳ ଭାରତ ନୁହେଁ, ଅନେକ ଏସୀୟ, ଲାଟିନ୍ ଆମେରିକୀୟ ଓ ଆଫ୍ରିକୀୟ ଦେଶ ମଧ୍ୟ ନିଜକୁ ଏହି ସଂଗଠନରେ ଉପେକ୍ଷିତ ମନେ କରୁଛନ୍ତି। ଅବଶ୍ୟ, ଦାରିଦ୍ର୍ୟ ବିମୋଚନ, ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ମାନବିକ ସେବା କ୍ଷେତ୍ରରେ ଜାତିସଂଘର ଉଦ୍ୟମ ପ୍ରଶଂସନୀୟ; କିନ୍ତୁ ଯୁଦ୍ଧମୁକ୍ତ ପୃଥିବୀ ଗଠନ କ୍ଷେତ୍ରରେ ଏହା ସମ୍ପୂର୍ଣ୍ଣ ନିଷ୍ପ୍ରଭାବୀ। ଇତିହାସର ପୃଷ୍ଠାରେ ହିଟଲର କିମ୍ବା ମୁସୋଲିନି ଯେଉଁ ବିନାଶର କାହାଣୀ ଲେଖିଥିଲେ, ଆଜିର ଟ୍ରମ୍ପ ବା ନେତାନ୍ୟାହୁଙ୍କ ଭଳି ମୁଷ୍ଟିମେୟ ଯୁଦ୍ଧଖୋର ନେତାମାନେ ବିଶ୍ୱର ଆଠଶହ କୋଟି ଜନସାଧାରଣଙ୍କୁ ସେହିଭଳି ଏକ ଚରମ ହାହାକାର ଭିତରକୁ ନିକ୍ଷେପ କରିବାକୁ ସମର୍ଥ ବୋଲି ମନେହେଉଛି।

# ଓଡ଼ିଶାରେ ‘ଡବଲ୍ ଇଞ୍ଜିନ୍’ ସରକାର ଓ ଅସମାହିତ ପ୍ରଶ୍ନ

ଶୁଭ୍ରାଂଶୁ ଶେଖର ପଟ୍ଟନାୟକ

ଓଡ଼ିଶା ରାଜନୀତିର ଇତିହାସରେ ୨୦୨୪ ନିର୍ବାଚନ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଛି। ଦୀର୍ଘ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଚାଲିଥିବା ଏକଛତ୍ରବାଦୀ ଶାସନର ଅନ୍ତ ଘଟାଇ ଓଡ଼ିଶାବାସୀ ‘ଡବଲ ଇଞ୍ଜିନ’ ସରକାର ଉପରେ ଆସ୍ଥା ପ୍ରକଟ କରିଛନ୍ତି। ରାଜ୍ୟର ୨୧ଟି ଲୋକସଭା ଆସନ ମଧ୍ୟରୁ ୨୦ଟିରେ ଭାରତୀୟ ଜନତା ପାର୍ଟିକୁ ବିଜୟୀ କରିବା ସହ ରାଜ୍ୟରେ ଏକ ପୂର୍ଣ୍ଣ ବହୁମତର ସରକାର ଗଢ଼ିବା ପଛରେ ବିକାଶର ଏକ ବଡ଼ ସ୍ୱପ୍ନ ରହିଛି। ଗତ ପ୍ରାୟ ଦୁଇ ବର୍ଷର କାର୍ଯ୍ୟକାଳ ମଧ୍ୟରେ ଏହି ସରକାର କେତେକ ଦ୍ରୁତ ମାଇଲଖୁଣ୍ଟ ଅତିକ୍ରମ କରିଥିଲେ ହେଁ, ଏହାର ଏକ ନିରାସକ୍ତ ଅନୁଶୀଳନ ଏବେ ସମୟର ଆବଶ୍ୟକତା।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ପ୍ରତି ନିଜର କୃତଜ୍ଞତା ଜଣାଇବାରେ କୌଣସି କାର୍ପଣ୍ୟ କରିନାହାନ୍ତି। ନିର୍ବାଚନ ପରଠାରୁ ସେ ପ୍ରାୟ ୭ ଥର ଓଡ଼ିଶା ଗସ୍ତ କରି ସାରିଲେଣି। ଅପେକ୍ଷାକୃତ ନୂତନ ଏବଂ ଅନଭିଜ୍ଞ ରାଜ୍ୟ ସରକାରଙ୍କୁ ମାର୍ଗଦର୍ଶନ ଦେବା ସହ ‘ବିକଶିତ ଭାରତ’ ଗଠନ ପ୍ରକ୍ରିୟାରେ ଓଡ଼ିଶାକୁ ଅଗ୍ରଧାଡ଼ିରେ ରଖିବା ପାଇଁ ସେ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ଏହି ସାହସ ଏବଂ ମାର୍ଗଦର୍ଶନ ରାଜ୍ୟ ପ୍ରଶାସନ ପାଇଁ ଏକ ବଡ଼ ବଳ ସାଜିଛି। ତେବେ ଏହି ସମନ୍ୱୟ ମଧ୍ୟରେ କେତେକ ନୀତିଗତ ବିରୋଧାଭାସ ମଧ୍ୟ ନଜରକୁ ଆସୁଛି। ସବୁଠାରୁ ଚର୍ଚ୍ଚାର ବିଷୟ ହେଉଛି ଧାନ ସଂଗ୍ରହ। କେନ୍ଦ୍ର ସରକାରଙ୍କ କେତେକ ବାରଣ ସତ୍ତ୍ୱେ ରାଜ୍ୟ ସରକାର ‘ଇନ୍‌ପୁଟ୍ ସବସିଡି’ ଜରିଆରେ ଚାଷୀଙ୍କଠାରୁ ଧାନ କିଣିବା ଜାରି ରଖିଛନ୍ତି। ଏହା ଚାଷୀଙ୍କ ପାଇଁ ସାମୟିକ ଭାବେ ଲାଭଜନକ ମନେ ହେଉଥିଲେ ହେଁ, ଦୀର୍ଘକାଳୀନ କୃଷି ନୀତି ଦୃଷ୍ଟିରୁ ଏହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟେ, କେନ୍ଦ୍ର ସରକାର ଦେଶରେ ଡାଲି ଓ ତୈଳବୀଜ ଉତ୍ପାଦନ ବଢ଼ାଇବା ପାଇଁ ବ୍ୟାପକ ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି। କିନ୍ତୁ ଓଡ଼ିଶାରେ ଏହି ଫସଲଗୁଡ଼ିକ ପ୍ରତି ଆଗ୍ରହ କମୁଥିବା ଭଳି ମନେହେଉଛି। ଧାନ ଚାଷ ଉପରେ ଅତ୍ୟଧିକ ନିର୍ଭରଶୀଳତା ଏବଂ ଅନ୍ୟାନ୍ୟ ଅର୍ଥକାରୀ ଫସଲ ପ୍ରତି ପରୋକ୍ଷ ନିରୁତ୍ସାହ ସରକାରଙ୍କ କୃଷି ବିବିଧକରଣ ଲକ୍ଷ୍ୟରେ ବାଧା ସୃଷ୍ଟି କରୁଛି।

‘ଡବଲ ଇଞ୍ଜିନ’ର ପ୍ରକୃତ ସୁଫଳ ପାଇବାକୁ ହେଲେ କେବଳ ରାଜନୈତିକ ସୌହାର୍ଦ୍ଦ୍ୟ ଯଥେଷ୍ଟ ନୁହେଁ; ବରଂ କେନ୍ଦ୍ରୀୟ ଯୋଜନା ଓ ରାଜ୍ୟର କ୍ଷେତ୍ରସ୍ତରୀୟ ପ୍ରୟୋଗ ମଧ୍ୟରେ ସଠିକ୍ ସନ୍ତୁଳନ ରହିବା ଆବଶ୍ୟକ। ଓଡ଼ିଶାକୁ ବିକଶିତ କରିବାକୁ ହେଲେ କୃଷି କ୍ଷେତ୍ରରେ କେବଳ ପାରମ୍ପରିକ ଧାନ ଚାଷରେ ସୀମିତ ନ ରହି ଉଭୟ କେନ୍ଦ୍ର ଓ ରାଜ୍ୟକୁ ଏକାଠି ମିଶି ନୂତନ ଦିଗନ୍ତର ସନ୍ଧାନ କରିବାକୁ ପଡ଼ିବ। ଓଡ଼ିଶା ରାଜନୀତିରେ ‘ଡବଲ ଇଞ୍ଜିନ’ ଶବ୍ଦଟି ଏବେ ଏକ ବହୁଳ ବ୍ୟବହୃତ ଅଭିବ୍ୟକ୍ତିରେ ପରିଣତ ହୋଇଛି। କେନ୍ଦ୍ର ଓ ରାଜ୍ୟରେ ଏକା ଦଳର ସରକାର ରହିଲେ ବିକାଶର ଗାଡ଼ି ଦ୍ରୁତଗତିରେ ଦଉଡ଼ିବ ବୋଲି ଯେଉଁ ଆଶା ଓଡ଼ିଶାବାସୀଙ୍କୁ ଦେଖାଯାଇଥିଲା, ତାହାର ସାଂବିଧାନିକ ଏବଂ ବାସ୍ତବିକ ଯଥାର୍ଥତାକୁ ନେଇ ଏବେ ଗମ୍ଭୀର ଚିନ୍ତନର ଆବଶ୍ୟକତା ପଡ଼ିଛି। କେନ୍ଦ୍ର ସରକାର ଗତ ଏକ ଦଶନ୍ଧି ଧରି ‘ପୂର୍ବୋଦୟ’ ମନ୍ତ୍ର ଜପୁଛନ୍ତି, ଯାହାର ମୂଳ ଲକ୍ଷ୍ୟ ହେଉଛି ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ସମାବେଶୀ ବିକାଶ। ମାତ୍ର ଓଡ଼ିଶା କ୍ଷେତ୍ରରେ ଏହି ‘ଡବଲ ଇଞ୍ଜିନ’ କେତେଦୂର ସଫଳ ହୋଇଛି, ତାହା ଏବେ ଏକ ବଡ଼ ପ୍ରଶ୍ନବାଚୀ। ଇତିହାସକୁ ଦେଖିଲେ, ଓଡ଼ିଶା, ପଶ୍ଚିମବଙ୍ଗ କିମ୍ବା ଉତ୍ତର-ପୂର୍ବାଞ୍ଚଳ ରାଜ୍ୟରେ ବିଜେପି ସରକାର ନଥିବା ବେଳେ ମଧ୍ୟ କେନ୍ଦ୍ର ସରକାର ଭିତ୍ତିଭୂମି ନିର୍ମାଣକୁ ଗୁରୁତ୍ୱ ଦେଇ ଆସିଛନ୍ତି। କିନ୍ତୁ ଆଜି ଓଡ଼ିଶାରେ ସମାନ ଦଳର ଶାସନ ଥାଇ ମଧ୍ୟ ସାଧାରଣ ଜନତା କୌଣସି ଆଖିଦୃଶିଆ ପରିବର୍ତ୍ତନ ଅନୁଭବ କରିପାରୁ ନାହାନ୍ତି। ସବୁଠାରୁ ବଡ଼ ବିଫଳତା ହେଉଛି ଶିଳ୍ପାୟନ କ୍ଷେତ୍ରରେ। ବହୁ ପ୍ରତିକ୍ଷିତ ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ କାରଖାନା ଓଡ଼ିଶା ହାତରୁ ଖସି ଆନ୍ଧ୍ରପ୍ରଦେଶ ଚାଲିଯିବା ରାଜ୍ୟର ଶିଳ୍ପ ନୀତି ଉପରେ ଏକ ବଡ଼ ଚଟାଘାତ। ଦୁଇ ବର୍ଷ ବିତିଯାଇଥିଲେ ହେଁ ରାଜ୍ୟରେ ଗୋଟିଏ ବି ନୂଆ ଜଳସେଚନ ପ୍ରକଳ୍ପ କିମ୍ବା କୃଷିଭିତ୍ତିକ ଶିଳ୍ପ ଯଥା ସୂତା, ଲୁଗା ବା ଚିନି କାରଖାନା ପ୍ରତିଷ୍ଠା ହୋଇପାରି ନାହିଁ। ବନ୍ଦ ପଡ଼ିଥିବା କାରଖାନାର ଆଧୁନିକୀକରଣ କେବଳ କାଗଜକଲମରେ ସୀମିତ ରହିଛି। ସାମୁଦ୍ରିକ ବନ୍ଦର କିମ୍ବା ବିମାନ ବନ୍ଦର ନିର୍ମାଣ କ୍ଷେତ୍ରରେ ମଧ୍ୟ ସ୍ଥାଣୁତା ଦେଖାଦେଇଛି। କେନ୍ଦ୍ରର ‘ଉଡାନ-୨’ ଯୋଜନା ସତ୍ତ୍ୱେ ପୁରୀ ବିମାନ ବନ୍ଦର କାମ ଆଗେଇ ପାରୁନାହିଁ। କୃଷି କ୍ଷେତ୍ରର ସମସ୍ୟା ତଥାପି ଅସମାହିତ। ଶୀତଳଭଣ୍ଡାର ଗୁଡ଼ିକ ଅଚଳ ହୋଇ ପଡ଼ିଛି ଏବଂ ନୂତନ ନିର୍ମାଣର ଚିହ୍ନବର୍ଣ୍ଣ ନାହିଁ। ସରକାର ଫଳ ଓ ପରିବା ରପ୍ତାନିର ଗୌରବ ଗାନ କରୁଥିଲେ ମଧ୍ୟ ସେଗୁଡ଼ିକର ପ୍ରକ୍ରିୟାକରଣ ପାଇଁ କ୍ଷୁଦ୍ରଶିଳ୍ପ ବା ଉଚ୍ଚ ପ୍ରଯୁକ୍ତିବିଦ୍ୟାସଂପନ୍ନ ଗବେଷଣାଗାର ପ୍ରତିଷ୍ଠା ଦିଗରେ କୌଣସି ଠୋସ୍ ପଦକ୍ଷେପ ନିଆଯାଉ ନାହିଁ। ସବୁଠାରୁ ବିଡ଼ମ୍ବନାର ବିଷୟ ହେଉଛି, ଯେତେବେଳେ କେନ୍ଦ୍ର ସରକାର ବୁଲେଟ୍ ଟ୍ରେନ୍ ଚଲାଇବା ପାଇଁ ଯୋଜନା କରୁଛନ୍ତି, ସେତେବେଳେ ରାଜ୍ୟ ସରକାରଙ୍କ ‘ଇଞ୍ଜିନ’ ପାନ୍ଥନିବାସରେ ପଖାଳ ଖାଇ ବିଶ୍ୱ ରେକର୍ଡ କରିବା ଭଳି କ୍ଷୁଦ୍ର ସଫଳତାରେ ଆତ୍ମସନ୍ତୋଷ ଲାଭ କରୁଛି। କେବଳ ଯୋଜନା, ପ୍ରତିଶ୍ରୁତି ଏବଂ ପ୍ରଚାର ମାଧ୍ୟମରେ ବିକାଶ ସମ୍ଭବ ନୁହେଁ। ଯଦି ‘ଡବଲ ଇଞ୍ଜିନ’ର ସୁଫଳ ସାଧାରଣ ଓଡ଼ିଆଙ୍କ ପାଖରେ ପହଞ୍ଚି ନପାରେ, ତେବେ ଏହି ବହୁଚର୍ଚ୍ଚିତ ଶବ୍ଦର ମୂଲ୍ୟ କେବଳ ଏକ ରାଜନୈତିକ ସ୍ଲୋଗାନରେ ସୀମିତ ରହିଯିବ। ରାଜ୍ୟର ଅଭିବୃଦ୍ଧି ପାଇଁ ପ୍ରଚାର ନୁହେଁ, ବରଂ ପ୍ରୟୋଗ ଓ ପ୍ରତିବଦ୍ଧତାର ଆବଶ୍ୟକତା ରହିଛି। ଓଡ଼ିଶାର ରାଜନୈତିକ ଆକାଶରେ ‘ଡବଲ ଇଞ୍ଜିନ’ ଶବ୍ଦଟି ଏକ ଯାଦୁକରୀ ସ୍ଲୋଗାନ ଭାବେ ଉଭା ହୋଇଛି। କାନକୁ ମଧୁର ଶୁଣାଯାଉଥିବା ଏହି ଶବ୍ଦ ପଛରେ ବିକାଶର ଯେଉଁ ସ୍ୱପ୍ନ ଦେଖାଯାଉଛି, ତାହାର ସାମ୍ବିଧାନିକ ଭିତ୍ତିଭୂମି ଏବଂ ଆର୍ଥିକ ବାସ୍ତବତାକୁ ନେଇ ଏବେ ପ୍ରଶ୍ନ ଉଠିବା ସ୍ୱାଭାବିକ। ବିଶେଷ କରି କୃଷି ଓ କୃଷକଙ୍କ ସମସ୍ୟାକୁ ଦେଖିଲେ, ଏହି ‘ଇଞ୍ଜିନ’ର ଗତିକୁ ନେଇ ସନ୍ଦେହ ସୃଷ୍ଟି ହେଉଛି। ସରକାରୀ ପରିସଂଖ୍ୟାନ ଅନୁଯାୟୀ, ଓଡ଼ିଶାର ଏକ ଚାଷୀ ପରିବାରର ମାସିକ ଆୟ ମାତ୍ର ୫,୧୧୨ ଟଙ୍କା, ଯାହା ଝାରଖଣ୍ଡକୁ ଛାଡ଼ିଦେଲେ ଦେଶରେ ସର୍ବନିମ୍ନ। ଯଦିଓ ସରକାରଙ୍କ ‘ଭିଜନ ଡକ୍ୟୁମେଣ୍ଟ-୨୦୪୭’ରେ ଓଡ଼ିଶାର ଚାଷୀଙ୍କୁ ଦେଶର ଶ୍ରେଷ୍ଠ ୫ଟି ରାଜ୍ୟ ମଧ୍ୟରେ ସ୍ଥାନିତ କରିବାର ଲକ୍ଷ୍ୟ ରଖାଯାଇଛି, କିନ୍ତୁ ବର୍ତ୍ତମାନର ବଜେଟ୍ ବ୍ୟୟବରାଦ ଏହି ଲକ୍ଷ୍ୟଠାରୁ ବହୁ ଦୂରରେ। ଚଳିତ ବଜେଟରେ କୃଷି ଓ ଆନୁଷଙ୍ଗିକ ବିଭାଗ ପାଇଁ ବ୍ୟୟବରାଦ ମାତ୍ର ୦.୮୯ ପ୍ରତିଶତ ବଢ଼ିଛି, ଯାହା ମୁଦ୍ରାସ୍ଫୀତି (୪ ପ୍ରତିଶତରୁ ଅଧିକ) ହାର ତୁଳନାରେ ବାସ୍ତବରେ ହ୍ରାସ ପାଇଛି। କେନ୍ଦ୍ର ରେଳ ବଜେଟକୁ ସାଧାରଣ ବଜେଟରେ ମିଶାଇ ଦେଇଥିବା ବେଳେ ଓଡ଼ିଶାରେ ସ୍ୱତନ୍ତ୍ର କୃଷି ବଜେଟ୍‌ର ଆଖ୍ୟା ଦିଆଯାଇ କେବଳ ପ୍ରଚାର ସର୍ବସ୍ୱ ନୀତି ଆପଣାଯାଉଛି।

ଭାରତୀୟ ସମ୍ବିଧାନର ପରିକଳ୍ପନା ଅନୁଯାୟୀ, ଆମ ଦେଶ ଏକ ସହଯୋଗମୂଳକ ସଂଘବାଦ ଉପରେ ପ୍ରତିଷ୍ଠିତ। ଧାରା ୨୮୦ ଅନୁଯାୟୀ ଗଠିତ ଅର୍ଥ କମିସନ ରାଜ୍ୟଗୁଡ଼ିକର ଆୟ, ଜନସଂଖ୍ୟା ଓ ଭୌଗୋଳିକ ସ୍ଥିତି ଭଳି ବସ୍ତୁନିଷ୍ଠ ମାନଦଣ୍ଡ ଆଧାରରେ ରାଜସ୍ୱ ବଣ୍ଟନ କରନ୍ତି; କେନ୍ଦ୍ରରେ ଥିବା ଦଳର ସଦିଚ୍ଛା କିମ୍ବା ରାଜନୈତିକ ଆଦର୍ଶ ଆଧାରରେ ନୁହେଁ। ତେଣୁ ‘ଡବଲ ଇଞ୍ଜିନ’ ସରକାର ଯୋଗୁଁ ଓଡ଼ିଶାକୁ ଅଧିକ କେନ୍ଦ୍ରୀୟ ଅନୁଦାନ ମିଳିବ ବୋଲି ଭାବିବା ଏକ ଭ୍ରମ। ରାଜସ୍ୱ ଆବଣ୍ଟନ ଏକ ସାମ୍ବିଧାନିକ ପ୍ରକ୍ରିୟା, କୌଣସି ଦଳର ଦୟା ବା ଦାନ ନୁହେଁ।

ଅତୀତରେ ବିରୋଧୀ ଦଳ ଶାସିତ ରାଜ୍ୟଗୁଡ଼ିକୁ ବରଖାସ୍ତ କରିବା ପାଇଁ ଧାରା ୩୫୬ (ଯାହାକୁ ୟୁଜର ୧୫୬ ଭାବେ ଉଲ୍ଲେଖ କରିଛନ୍ତି) ର ଅପବ୍ୟବହାର କରାଯାଉଥିଲା। ଏବେ ସେହି ସ୍ଥିତିରେ ପରିବର୍ତ୍ତନ ଆସିଛି ସତ, କିନ୍ତୁ ଏକ ନୂଆ ବିପଦ ମୁଣ୍ଡ ଟେକିଛି। ତାହା ହେଉଛି ‘ରାଜନୈତିକ ସମନ୍ୱୟ’କୁ ପଣବନ୍ଦୀ ଭାବେ ବ୍ୟବହାର କରିବା। ତ୍ୱରିତ ବିକାଶ ଆଶାରେ ଭୋଟରମାନେ ‘ଡବଲ ଇଞ୍ଜିନ’ ପରିକଳ୍ପନାକୁ ଆଦରି ନେଉଛନ୍ତି, କିନ୍ତୁ ଏହା ସଂଘୀୟ ଭାବନାକୁ ପରୋକ୍ଷରେ ବିଦ୍ରୂପ କରୁଛି। ଶେଷରେ, ବିକାଶ କେବଳ ସ୍ଲୋଗାନରେ ନୁହେଁ, ବରଂ ନୀତି ଓ ନିୟମର ସଠିକ୍ କାର୍ଯ୍ୟକାରିତାରେ ପ୍ରତିଫଳିତ ହେବା ଆବଶ୍ୟକ। ଯଦି ଚାଷୀର ଆୟ ବଢୁନାହିଁ ଏବଂ ସାମ୍ବିଧାନିକ ବ୍ୟବସ୍ଥାକୁ ରାଜନୈତିକ ରଙ୍ଗ ଦିଆଯାଉଛି, ତେବେ ଏହି ‘ଡବଲ ଇଞ୍ଜିନ’ କେବଳ ନିର୍ବାଚନୀ ବୈତରଣୀ ପାର ହେବାର ଏକ ମାଧ୍ୟମ ହୋଇ ରହିଯିବ। ୨୦୨୪ ନିର୍ବାଚନରେ ଓଡ଼ିଶାବାସୀ ଏକ ବଡ଼ ରାଜନୈତିକ ପରିବର୍ତ୍ତନର ସୂତ୍ରପାତ କରିଥିଲେ। ୨୧ଟି ଲୋକସଭା ଆସନରୁ ୨୦ଟିରେ ଭାରତୀୟ ଜନତା ପାର୍ଟିକୁ ବିଜୟୀ କରିବା ସହ ରାଜ୍ୟରେ ଏକ ପୂର୍ଣ୍ଣ ବହୁମତର ସରକାର ଗଢ଼ିବା ପଛରେ ‘ଡବଲ ଇଞ୍ଜିନ’ର ଶକ୍ତି ଓ ବିକାଶର ଏକ ବଡ଼ ସ୍ୱପ୍ନ ରହିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ପ୍ରତି ନିଜର କୃତଜ୍ଞତା ଜଣାଇବା ପାଇଁ ଗତ କିଛି ମାସ ମଧ୍ୟରେ ୭ ଥର ଓଡ଼ିଶା ଗସ୍ତ କରି ସାରିଛନ୍ତି। ଅପେକ୍ଷାକୃତ ନୂତନ ଓ ଅନଭିଜ୍ଞ ରାଜ୍ୟ ସରକାରଙ୍କୁ ସାହସ ଦେବା ସହ ‘ବିକଶିତ ଭାରତ’ ପାଇଁ ଓଡ଼ିଶାର ଭୂମିକାକୁ ସେ ଗୁରୁତ୍ୱ ଦେଇଛନ୍ତି। ମାତ୍ର ଏହି ଦୁଇ ବର୍ଷର ଯାତ୍ରା ମଧ୍ୟରେ ସୃଷ୍ଟି ହୋଇଥିବା କେତେକ ମାଇଲଖୁଣ୍ଟର ବାସ୍ତବିକ ଅନୁଶୀଳନ ଏବେ ଜରୁରୀ ହୋଇପଡ଼ିଛି।

ଜାତୀୟ ଚେତନା
JATIYA CHETANA



# ଆଉ ପାଦେ ଆଗେଇଲା ପ୍ରସ୍ତାବିତ ପୁରୀ ବିମାନବନ୍ଦର, ମିଳିଲା ଜଙ୍ଗଲ ଜମି ଅନୁମତି

ଭୁବନେଶ୍ୱର,(ଜା.ପ୍ର): ପୁରୀ ବିମାନ ବନ୍ଦର ପାଇଁ ଖୋଲିଲା ରାସ୍ତା। ପୁରୀରେ ପ୍ରସ୍ତାବିତ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନ ବନ୍ଦର ପ୍ରକଳ୍ପ କାର୍ଯ୍ୟ ଆଉ ଏକ ପାଦ ଆଗେଇଛି। ଏଥିପାଇଁ କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଜଙ୍ଗଲ ଜମି ଅନୁମତି ପ୍ରଦାନ କରିଛି। ପୁରୀ ବିମାନ ବନ୍ଦରକୁ ନୀତିଗତ ଷ୍ଟେଜ-୧ ଜଙ୍ଗଲ ମଞ୍ଜୁରୀ ପ୍ରଦାନ କରାଯାଇଛି। କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ଏହି ପ୍ରକଳ୍ପକୁ କିଛି ସର୍ତ୍ତ ସହ ଅନୁମତି ଦେଇଛି। ଯେତିକି ଜଙ୍ଗଲ ଜମି ଅଧିଗ୍ରହଣ ହେବ ସେତିକି ଜମିରେ ନୂଆ ଗଛ ଲଗାଇବାକୁ ହେବ। ଜଙ୍ଗଲ ଜମି ବ୍ୟବହାର ପାଇଁ ଆବଶ୍ୟକ ଖର୍ଚ୍ଚ ଭରଣା କରିବାକୁ ହେବ। ଜୀବଜନ୍ତୁ ଓ ପରିବେଶ ଯତ୍ନ ନେବା ପାଇଁ ମଧ୍ୟ ସର୍ତ୍ତ ରହିଛି। ଏହି ସର୍ତ୍ତକୁ ରାଜ୍ୟ ସରକାର ଏବଂ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କୁ ମାନିବାକୁ ପଡ଼ିବ। ଏହା ପରେ ଷ୍ଟେଜ-୨ ତଥା ଚୂଡ଼ାନ୍ତ ଅନୁମତି ପାଇଁ ସରକାର ଆବେଦନ କରିପାରିବେ। ତେବେ ସମ୍ପୂର୍ଣ୍ଣ ଅନୁମତି ପାଇଁ ଆଉ କିଛି ଦିନ ଅପେକ୍ଷା କରିବାକୁ ପଡ଼ିବ। ଏହି ବିମାନ ବନ୍ଦର ପାଇଁ ପୁରୀ ଜଙ୍ଗଲ ବିଭାଗର ୨୭.୮୮୭ ହେକ୍ଟର ଜଙ୍ଗଲ ଜମି ଯୋଗାଇ ଦିଆଯିବ। ମୋଟ ୧୧୬୪ ଏକର ଜମିରେ ନିର୍ମାଣ ହେବାକୁ ଥିବା ଏହି ଗ୍ରୀନଫିଲ୍ଡ ଏୟାରପୋର୍ଟ ପ୍ରଥମ ପର୍ଯ୍ୟାୟରେ ବାର୍ଷିକ ୪୬ ଲକ୍ଷ ଯାତ୍ରୀ ଯାତାୟତର କ୍ଷମତା ରଖିବ। ପ୍ରକଳ୍ପ ପାଇଁ କମ୍ପେନ୍ସେଟରୀ ଆଫରେଷ୍ଟେସନ୍ ଏବଂ ପରିବେଶଗତ ସର୍ତ୍ତ ଲାଗୁ ହେବ। ପୂର୍ବରୁ ପରିବେଶ ଏବଂ ସିଆରଜେଡ୍ ସମ୍ବନ୍ଧୀୟ ଅନୁମୋଦନ ମିଳିସାରିଛି। ଏହା ଓଡ଼ିଶାର ପର୍ଯ୍ୟଟନ ଏବଂ ଅର୍ଥନୀତିକୁ ନୂଆ ଗତି ଦେବ ବୋଲି ଆଶା କରାଯାଉଛି। ପରବର୍ତ୍ତୀ ଷ୍ଟେଜ୍-୨ ପ୍ରକ୍ରିୟା ଶୀଘ୍ର ଆରମ୍ଭ ହେବ। ଏନେଇ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି ଯେ ନିୟମ ଅନୁସାରେ ଜମି ଅଧିଗ୍ରହଣ ପାଇଁ କାର୍ଯ୍ୟ ଜାରି ରହିଛି। ପ୍ରଥମେ ଜମି ଅଧିଗ୍ରହଣକୁ ନେଇ ଆପତ୍ତି ଅଭିଯୋଗ ଶୁଣାଣି ହେବ। ପରେ ଅଧିଗ୍ରହଣ କାର୍ଯ୍ୟ ଏବଂ କ୍ଷତିପୂରଣ ପ୍ରଦାନ କାର୍ଯ୍ୟ କରାଯିବ। ବୈଷୟିକ ସର୍ଭେ ଅନୁମୋଦନ ମିଳିବା ପରେ କେତେ ଜମି ଅଧିଗ୍ରହଣ ହେବ ସେ ନେଇ ସମ୍ପୂର୍ଣ୍ଣ ସ୍ପଷ୍ଟ ହେବ। ଯେତିକି ଜଙ୍ଗଲ ଜମି ଅଧିଗ୍ରହଣ ହେବ ସେହି ଅନୁସାରେ ନୂତନ ଜମି ଚିହ୍ନଟ କରାଯାଇ ନୂତନ ଜଙ୍ଗଲ ସୃଷ୍ଟି କରାଯିବ। ବିମାନ ବନ୍ଦର ପ୍ରକଳ୍ପ ପାଇଁ ବିଭିନ୍ନ ଭିତ୍ତିଭୂମି କାର୍ଯ୍ୟ କରାଯାଉଛି। ମଙ୍ଗଳା ନଦୀ ଉପରେ ବ୍ରିଜ୍ ନିର୍ମାଣ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଅନ୍ୟ ସ୍ଥାନରେ ରାସ୍ତା ନିର୍ମାଣ କାର୍ଯ୍ୟ ମଧ୍ୟ କରାଯାଇ ସବୁ ଭିତ୍ତିଭୂମିର ବିକାଶ କାର୍ଯ୍ୟ କରାଯିବ।

# ରାଜଯୋଗ ଦ୍ୱାରା ବିଶ୍ୱରେ ସ୍ଥିରତା



ଢେଙ୍କାନାଳ,(ଜା.ପ୍ର): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ହରିପୁର ପକ୍ଷରୁ ବିଶ୍ୱରେ ସ୍ଥିରତା ଆଣିବା ପାଇଁ ଏକ ରାଜଯୋଗ ଶିବିର ଆୟୋଜନ କରାଯାଇଥିଲା। ବିଶ୍ୱରେ ସନ୍ତୁଳନ ରଖିବା ପାଇଁ ରାଜଯୋଗ ଏକାନ୍ତ ଆବଶ୍ୟକ। ଆଜି ମାନବ ସମାଜ ଭୟାତୁର ଓ ବ୍ୟାକୁଳ ଅବସ୍ଥାରେ ଜୀବନଯାପନ କରୁଛି। ସ୍ରଷ୍ଟାଙ୍କର ସୃଷ୍ଟିରେ ଆନନ୍ଦମୟ ଜୀବନ ଯାପନ କରିବା ମାନବର ଧର୍ମ, କିନ୍ତୁ ଆଜିର ପରିବେଶ ଓ ପରିସ୍ଥିତି ଏଭଳି ହୋଇଛି ଯେ ଏଠାରେ ମାନବ ସୁଖମୟ ଜୀବନଯାପନ କରିବା ତ ଦୂରର କଥା, ବଞ୍ଚିବା ପାଇଁ ମଧ୍ୟ ସଂଘର୍ଷ କରିବାକୁ ପଡୁଛି। ଭାରତବର୍ଷ ହେଉଛି ଭଗବାନଙ୍କର ଅବତରଣର ଭୂମି। ଭଗବାନଙ୍କର ମହାବାକ୍ୟ ହେଉଛି, 'ସୁଖ ଶାନ୍ତିରେ ଜୀବନ ଯାପନ କରିବା ମାନବ ଜୀବନର ଅଧିକାର'। ଏହି ଅଧିକାର ପ୍ରାପ୍ତ କରିବା ଅର୍ଥ ଭଗବାନଙ୍କର ଶ୍ରୀମତରେ ଚାଲିବା। ମାନବ ସମାଜ ଶ୍ରୀମତର ବିପଥଗାମୀ ହେବା କାରଣରୁ ନିଜେ ଅସନ୍ତୁଷ୍ଟ ରହିବା ସହିତ ବିଶ୍ୱରେ ଅସନ୍ତୁଷ୍ଟତା ଆଣିବାର ନିମିତ୍ତ ହେଉଛନ୍ତି ବୋଲି ରାଜଯୋଗିନୀ ପ୍ରଭାଦିଦି ମତବ୍ୟକ୍ତ କରିଥିଲେ। ରାଜଯୋଗ ଅଭ୍ୟାସ ଦ୍ୱାରା ନିଜେ ନିୟନ୍ତ୍ରଣରେ ରହି ସମାଜରେ ମଧ୍ୟ ନିୟନ୍ତ୍ରଣ ଆଣିପାରିବେ। ଆଜି ବିଶ୍ୱରେ ବିନାଶ କାର୍ଯ୍ୟ ଚାଲୁଅଛି। ମହାବିନାଶକୁ ପ୍ରତିରୋଧ କରିବା ବହୁ କଷ୍ଟସାଧ୍ୟ ହୋଇପଡ଼ିଛି। କିନ୍ତୁ, ରାଜଯୋଗ ଅଭ୍ୟାସ ଦ୍ୱାରା ସଂସାରରେ ଶାନ୍ତିର ବାତାବରଣ ଆଣିପାରିବା ବୋଲି ହରିପୁର ସେବାକେନ୍ଦ୍ରର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ରୀତା ମତ ଦେଇଥିଲେ। ବ୍ରହ୍ମାକୁମାରୀ ସଖୀ ରାଜଯୋଗ ଅଭ୍ୟାସ କରାଇଥିବା ବେଳେ ବ୍ରହ୍ମାକୁମାର ବସନ୍ତ ଏହି ଶିବିରକୁ ପରିଚାଳିତ କରିଥିଲେ। ବିଭିନ୍ନ ସ୍ଥାନରୁ ଅନେକ ବ୍ରହ୍ମାକୁମାର ଓ ବ୍ରହ୍ମାକୁମାରୀମାନେ ଏହି ଶିବିରରେ ଯୋଗ ଦେଇଥିଲେ। ଶେଷରେ ବିଶ୍ୱର ମଙ୍ଗଳ କାମନା କରି ସମସ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିବା ସହ ବିଶ୍ୱକୁ ଯୋଗଶକ୍ତି ପ୍ରଦାନ କରିଥିଲେ।

# ୟୁଜର୍ ଫି' ନାଁରେ ବେଆଇନ ଜିଜିଆ କର ତୁରନ୍ତ ବନ୍ଦ, ନହେଲେ ଜୋର୍‌ଦାର୍ ଆନ୍ଦୋଳନ : ଭୁବନେଶ୍ୱର ଉନ୍ନୟନ ପରିଷଦ

ଭୁବନେଶ୍ୱର,(ଜା.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଳିଆ ସଫା ଓ ପରିମଳ ସେବା ଆଳରେ ଜନସାଧାରଣଙ୍କ ଠାରୁ ଜୋର ଜବରଦସ୍ତ ଭାବେ "ୟୁଜର ଫି" ଆଦାୟ କରୁଛି। ଏହା ସମ୍ପୂର୍ଣ୍ଣ ବେଆଇନ ଓ ଅନ୍ୟାୟ। ଭୁବନେଶ୍ୱର ଉନ୍ନୟନ ପରିଷଦ ଏହି ବେଆଇନ ଓ ମନୋମୁଖୀ କାର୍ଯ୍ୟର ଦୃଢ଼ ବିରୋଧ କରୁଛି। କାରଣରୁ ଏହା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ। ମାନ୍ୟବର ଓଡ଼ିଶା ହାଇକୋର୍ଟ ଚାରିବର୍ଷ ପୂର୍ବରୁ ଏହି ବେଆଇନ ଆଦାୟକୁ ରହିତାଦେଶ ଦେବା ପରେ ବିଏମ୍‌ସି ସ୍ଥଗିତ କରି ୟୁଜର ଫି ଆଦାୟ ବନ୍ଦ କରିଦେଇଥିଲା। ହାଇକୋର୍ଟ ବିଏମ୍‌ସି ଓ ନଗର ଉନ୍ନୟନ ବିଭାଗରୁ ସ୍ପଷ୍ଟୀକରଣ ମାଗିଥିଲେ, କିନ୍ତୁ ଆଜି ପର୍ଯ୍ୟନ୍ତ ସରକାର ମାନ୍ୟବର ହାଇ କୋର୍ଟରେ କୌଣସି ସ୍ପଷ୍ଟୀକରଣ ଦେଇ ନାହାନ୍ତି। ମୁନିସିପାଲିଟିରୁ ଭୁବନେଶ୍ୱର ମହାନଗର ନିଗମ ହେବା ପରେ ସମସ୍ତ ସମ୍ପତ୍ତିର ମୂଲ୍ୟାୟନ କରି ପ୍ରପର୍ଟି ଟାକ୍ସ ଆଦାୟ କରିବା କଥା। କିନ୍ତୁ ବିଏମ୍‌ସି ଏପର୍ଯ୍ୟନ୍ତ ସମ୍ପତ୍ତି ମୂଲ୍ୟାୟନ କରିନାହିଁ ଏବଂ ପୂର୍ବ ଭଳି ହୋଲଡିଂ ଟାକ୍ସ ଆଦାୟ କରୁଛି। ହୋଲଡିଂ ଟାକ୍ସରେ ଡ୍ରେନ, ଅଳିଆ ସଫା ଓ ପରିମଳ ସେବା ଯୋଗାଇବା ବାଧ୍ୟତାମୂଳକ। ତେଣୁ ଅଲଗା ଭାବେ ୟୁଜର ଫି ଆଦାୟ କରିବାର କୌଣସି ଅଧିକାର ବିଏମ୍‌ସିର ନାହିଁ। ମୁନିସିପାଲିଟି ଓ ମୁନିସିପାଲ କର୍ପୋରେସନର ନିୟମ ଭିନ୍ନ। ଏକା ସାଙ୍ଗରେ ଦୁଇଟି ଆଇନ ଲାଗୁ ହୋଇ ପାରିବ ନାହିଁ। ଏହାର ସଠିକ ବିଶ୍ଳେଷଣ ହେବା ଆବଶ୍ୟକ। ବିଏମ୍‌ସିର ଫନ୍ଦି କରି ଜୋର ଜବରଦସ୍ତି ୟୁଜର ଫି ଆଦାୟ କରୁଛି। ମହିଳା ଓ ମା'ମାନଙ୍କ ସଂଗଠନ ସମେତ ଅନ୍ୟାନ୍ୟ ସଂସ୍ଥା ଓ ସ୍ଥାନୀୟ ଯୁବକଙ୍କ ମାଧ୍ୟମରେ ଜନସାଧାରଣଙ୍କୁ ଡରାଇ,ସମ୍ମାନ ହାନୀ ଭଳି କାର୍ଯ୍ୟକ୍ରମ ଆପଣାଇ ମାନସିକ ଯନ୍ତ୍ରଣା ଦେଇ ଜୋର ଜବରଦସ୍ତ ଫି ଆଦାୟ କରୁଛି। ଟେଲିକମ୍ କମ୍ପାନୀ ଯେପରି ମାଗଣା ଡାଟା ଦେଇ ଲୋକଙ୍କୁ ଅଭ୍ୟସ୍ତ କରାଇ ପରେ ଲୁଟୁଛି, ସେହିପରି ବିଏମ୍‌ସି ମାଗଣା ଅଳିଆ ଗ୍ରହଣର ସେବା ଦେଇ ଲୋକଙ୍କୁ ଅଭ୍ୟସ୍ତ କରାଇ ବର୍ତ୍ତମାନ ଲୁଟୁଛି।

ଅଳିଆକୁ ପ୍ରକ୍ରିୟାକରଣ କରି ବିଏମ୍‌ସି ଜୈବିକ ଖତ, ଧୂପକାଠି ପାଇଁ କାଠ ଓ ପତ୍ର ଗୁଣ୍ଡ, ପ୍ଲାଷ୍ଟିକ ଗୁଣ୍ଡ, କାଗଜ ପେଡ଼ି ଆଦି ଉପକରଣ ବିକ୍ରୀ କରି କୋଟି କୋଟି ଟଙ୍କା ରାଜସ୍ୱ ପାଉଛି। ଅଳିଆ ଆବର୍ଜନାରୁ ଗ୍ୟାସ ଉତ୍ପାଦନ ପାଇଁ ଓଏନ୍‌ଜିସି ସହ ଏମଓୟୁ ମଧ୍ୟ କରିଛି। ତଥାପି ସାଧାରଣ ଲୋକଙ୍କ ଠାରୁ ବେଆଇନ ଭାବେ ଜବରଦସ୍ତ ଫି ଆଦାୟ କରୁଛି। ୟୁଜର ଫି ତୁରନ୍ତ ବନ୍ଦ ହେଉ। ଆଇନ ତଃ ହୋଲଡିଂ ଟାକ୍ସରେ ସମସ୍ତ ପରିମଳ ସେବା ଅନ୍ତର୍ଭୁକ୍ତ ରହୁ। ହାଇକୋର୍ଟ ଆଦେଶର ସଠିକ ଅନୁ ପାଳନ ହେଉ। ଏହି ଜିଜିଆ କର ବିରୋଧରେ ଜୋରଦାର ପ୍ରତିବାଦ ପାଇଁ ସମସ୍ତ ଆପାର୍ଟମେଣ୍ଟ କମିଟି ସଦସ୍ୟ, ନଗର କମିଟି ସଦସ୍ୟ, କଲୋନି କମିଟି, ୟୁନିଟ୍ କମିଟି, ଗ୍ରାମ କମିଟି, ପୂଜା କମିଟି, ବଜାର କମିଟି, ବସ୍ତି କମିଟି, ଆବାସ କମିଟି, ହାଉସିଂ ସୋସାଇଟି କମିଟି, ବୁଦ୍ଧିଜୀବୀ ଓ ସାଧାରଣ ଜନତାଙ୍କୁ ନିବେଦନ କରିଛି ଭୁବନେଶ୍ୱର ଉନ୍ନୟନ ପରିଷଦ। ଏହି ପରିପ୍ରେକ୍ଷୀରେ ଆସନ୍ତା ୯ ତାରିଖ ସକାଳ ୧୦ଟା ୩୦ରେ ଭୁବନେଶ୍ୱରର ବୁଦ୍ଧ ମନ୍ଦିର ଠାରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବିଶିଷ୍ଟ ବ୍ୟକ୍ତି ବିଶେଷ ଓ ସାମାଜିକ ସଂଗଠନ ସମେତ ଜନସାଧାରଣକୁ ନେଇ ଏକ ବିଚାର ବିମର୍ଶ ବୈଠକ ଡକା ଯାଇଛି। ସେହି ବୈଠକର ନିଷ୍ପତ୍ତି ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଭୁବନେଶ୍ୱର ର ଜନସାଧାରଣ ଏଥିରେ ଯୋଗ ଦେଇ ନିଜର ମନ୍ତବ୍ୟ ପ୍ରଦାନ ପାଇଁ ସଭାପତି ବାସୁଦେବ ଭଞ୍ଜ କହିଛନ୍ତି।

# ରାଜଧାନୀକୁ ବିପଦ ପ୍ରଦୂଷିତ ଗଙ୍ଗୁଆ, ପାଲଟିଛି ଜଳ ସହିତ ମଳ ନିଷ୍କାସନର ମାଧ୍ୟମ

ଭୁବନେଶ୍ୱର,(ଜା.ପ୍ର): ରାଜଧାନୀର ଜଳ ନିଷ୍କାସନ ପାଇଁ ଥିବା ପ୍ରାକୃତିକ ନାଳ ଗଙ୍ଗୁଆ ଏବେ ରାଜଧାନୀବାସୀଙ୍କ ପାଇଁ ବିପଦ ପାଲଟିଛି। ଏହାର ଜଳ ପ୍ରଦୂଷିତ ହେବା ସହିତ ସହର ଭିତରେ ମଶାବଂଶ ବୃଦ୍ଧିର ପ୍ରମୁଖ ସ୍ଥଳୀ ପାଲଟିଛି। ଚନ୍ଦକାରୁ ବାହାରି ଦୟାନଦୀରେ ମିଶିଥିବା ୪୫ କିଲୋମିଟର ଦୈର୍ଘ୍ୟ ଗଙ୍ଗୁଆ ନାଳ ସହର ଭିତରେ ୨୩ କିଲୋମିଟର ପ୍ରବାହିତ ହେଉଛି। ସହର ଭିତରରୁ ଜଳ ନିଷ୍କାସନର ଏହା ପ୍ରମୁଖ ମାଧ୍ୟମ ହୋଇଥିବାବେଳେ ବର୍ତ୍ତମାନ ଜଳ ସହିତ ଏହା ମଳ ନିଷ୍କାସନର ବି ମାଧ୍ୟମ ପାଲଟିଛି। ଅନେକ ସ୍ଥାନରେ ସ୍ୱରେଜ ବର୍ଜ୍ୟକୁ ଲୋକେ ସିଧାସଳଖ ଗଙ୍ଗୁଆରେ ଛାଡିବା ଯୋଗୁଁ ଏହାର ଜଳ ଅତ୍ୟନ୍ତ ଦୂଷିତ ହେବାରେ ଲାଗିଛି। ଗଙ୍ଗୁଆର ଜଳ ଦୂଷିତ ନେଇ ଖୋଦ୍ ସରକାର ବି ସ୍ୱୀକାର କରୁଛନ୍ତି। ଏହାର ଜଳ ଏଭଳି ପ୍ରଦୂଷିତ ହୋଇଛି ଯେ ପ୍ରାକୃତିକ ଉପାୟରେ ଏହାକୁ ବିଶୋଧନ କରି ସେବନ କରିବା ପାଇଁ ଅତ୍ୟନ୍ତ ଅନୁପଯୁକ୍ତ। ରାଜଧାନୀର ବର୍ଜ୍ୟ ଏହି ନାଳରେ ମିଶିବା ଫଳରେ ଏଭଳି ସ୍ଥିତି ଉପୁଜିଛି। ରାଜଧାନୀର ମଳକୁ ବୋହୁଥିବା ଗଙ୍ଗୁଆ ଏବେ ନିଜେ ପ୍ରଦୂଷିତ ହେବା ସହିତ ଦୟାନଦୀକୁ ବି ପ୍ରଦୂଷିତ କରିବାରେ ଲାଗିଛି। ଗଙ୍ଗୁଆକୁ ପ୍ରଦୂଷଣମୁକ୍ତ ପାଇଁ ସରକାର ୫ଟି ବର୍ଜ୍ୟଜଳ ବିଶୋଧନାଗାର ପ୍ରତିଷ୍ଠା କରିଛନ୍ତି। ହେଲେ ଏହା ସହରରୁ ବାହାରୁଥିବା ସମସ୍ତ ଜଳକୁ ବିଶୋଧନ କରିପାରୁ ନାହିଁ। ଏଥି ସହିତ ୭୫ଏମଏଲ୍‌ଡି କ୍ଷମତା ବିଶିଷ୍ଟ ଦୁଇଟି ମଳ ପରିଚାଳନା କେନ୍ଦ୍ର ବି କାର୍ଯ୍ୟକ୍ଷମ ରହିଛି। ତେବେ ସ୍ଥିତିର ଗମ୍ଭୀରତାକୁ ଦେଖି ଆଉ ଗୋଟିଏ ୬୦ ଏମଏଲଡି ବିଶିଷ୍ଟ ବର୍ଜ୍ୟଜଳ ପରିଚାଳନା କେନ୍ଦ୍ର ଗଙ୍ଗୁଆ ଓ ଦୟାନଦୀର ସଙ୍ଗମସ୍ଥଳରେ ନିର୍ମାଣ ପାଇଁ ଯୋଜନା ରହିଛି। ଏହା କାର୍ଯ୍ୟକ୍ଷମ ହେଲେ ଦୟାନଦୀକୁ ପ୍ରଦୂଷଣରୁ କିଛିଟା ରକ୍ଷା କରାଯାଇ ପାରିବ ବୋଲି ସରକାର କହୁଛନ୍ତି।

ବଡ଼ ପ୍ରକଳ୍ପ ହାତକୁ ନେବା ପୂର୍ବରୁ ବର୍ତ୍ତମାନ ଗଙ୍ଗୁଆନାଳ ଆଖପାଖର ଲୋକେ ଏଠାରେ ଯେଭଳି ବର୍ଜ୍ୟ ନଫିଙ୍ଗିବେ ସେଥିପାଇଁ କଠୋରତା ଦେଖାଇବା ଜରୁରୀ ହୋଇପଡ଼ିଛି। ନାଳର ଆଖପାଖରେ ଗଢ଼ି ଉଠିଥିବା ବସ୍ତି ଓ ଜନବସତିର ବର୍ଜ୍ୟଜଳ ଓ ମଳ କେଉଁ ସ୍ଥାନରେ ପଡୁଛି ତାହାର ସର୍ଭେ ହେବା ଆବଶ୍ୟକ। ଯେଉଁମାନେ ଗଙ୍ଗୁଆ ନାଳକୁ ସିଧାସଳଖ ବର୍ଜ୍ୟ ଛାଡୁଛନ୍ତି ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ଏହି ପ୍ରଦୂଷଣକୁ କିଛି ମାତ୍ରାରେ ରୋକାଯାଇ ପାରନ୍ତା। କିଛିଦିନ ପୂର୍ବେ ଦୟା ଅବବାହିକାର ଗ୍ରାମାଞ୍ଚଳରେ ଜଳ ପ୍ରଦୂଷଣ ଯୋଗୁଁ ଲୋକେ ଝାଡ଼ାବାନ୍ତି ଓ ଜଣ୍ଡିସ ରୋଗରେ ଏଭଳି ଆକ୍ରାନ୍ତ ହୋଇଥିଲେ ଯେ ଗାଁ ଗହଳରେ ଭୋଜିଭାତ ଉପରେ କଟକଣା ଲାଗିଥିଲା। ସେତେବେଳେ ଏହି ପ୍ରଦୂଷଣ ପାଇଁ ରାଜଧାନୀର ଦୂଷିତ ଜଳକୁ ଦାୟୀ କରାଯାଇଥିଲା। ଏହାପରେ ପ୍ରଶାସନ କେତେକ ପଦକ୍ଷେପ ଗ୍ରହଣ କରିଥିଲେ ମଧ୍ୟ ପରେ ତାହା ପୁଣି ଯଥା ପୂର୍ବଂ ତଥା ପରଂ ଅବସ୍ଥାରେ ପହଞ୍ଚିଛି। ବର୍ତ୍ତମାନ ରାଜଧାନୀର ଅଧିକାଂଶ ବସ୍ତିର ବର୍ଜ୍ୟ ଜଳ ଓ ମଳ ସିଧାସଳଖ ଭାବେ ପ୍ରମୁଖ ନାଳଗୁଡିକରେ ପଡିଥିବା ଯୋଗୁଁ ପରୋକ୍ଷରେ ଏହା ଗଙ୍ଗୁଆରେ ମିଶୁଛି ଓ ଏହାକୁ ପ୍ରଦୂଷିତ କରିବାରେ ଲାଗିଛି। ତେଣୁ ସହର ଭିତରେ ଓ ଆଖପାଖରେ ଗଢି ଉଠୁଥିବା ଜନବସତି ସଂକ୍ରାନ୍ତରେ ସବିଶେଷ ସୂଚନା ସଂଗ୍ରହଣ କରାଯାଇ ସେମାନଙ୍କ ବର୍ଜ୍ୟଜଳର ସଠିକ୍ ପରିଚାଳନା କରାଗଲେ କେବଳ ଗଙ୍ଗୁଆ ନୁହେଁ, ଅନ୍ୟାନ୍ୟ ଜଳ ଉତ୍ସ ବି ପ୍ରଦୂଷଣରୁ ରକ୍ଷାପାଇପାରିବ।

# ୨୦୨୮ରେ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍

ଭୁବନେଶ୍ୱର,(ଜା.ପ୍ର): ଆଗାମୀ ୨୦୨୮ରେ ବିଶ୍ୱ ଆଥଲେଟିକ୍‌ସ ଚାମ୍ପିଅନସିପ୍ ଆୟୋଜନ କରିବା ପାଇଁ ଓଡ଼ିଶା ଏବେ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଏନେଇ କଳିଙ୍ଗ ଷ୍ଟାଡିୟମ ଠାରେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବିଶ୍ୱ ଆଥ୍‌ଲେଟିକ୍‌ସ ଚାମ୍ପିଅନସିପ୍ର ପତାକା ପ୍ରଦାନ କରିଛନ୍ତି। ପତାକାକୁ ଗ୍ରହଣକରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିଶ୍ୱ ଆଥଲେଟିକ୍‌ସ ଚାମ୍ପିଅନସିପ୍ କେବଳ ଏକ ଇଭେଣ୍ଟ ନୁହେଁ, ଓଡ଼ିଶାର କ୍ରୀଡ଼ାପାଇଁ ଏକ ଐତିହାସିକ ମୁହୂର୍ତ୍ତ। ୨୦୨୮ ପାଇଁ କାଉଣ୍ଟଡାଉନ୍ ଆରମ୍ଭ ହେବା ସହ ଏହି ପତାକା ଆମ ଆଶା, ଆକାଂକ୍ଷା ଓ ଗୌରବମୟ ଯାତ୍ରାର ପ୍ରତୀକ। ଏହା ହେଉଛି ସାରା ବିଶ୍ୱକୁ ଓଡ଼ିଶାର ପ୍ରତିଶ୍ରୁତି-ଏକ ସଫଳ, ଆକର୍ଷଣୀୟ ଆୟୋଜନ ପାଇଁ ଓଡ଼ିଶା ପ୍ରସ୍ତୁତ। ଆଥ୍‌ଲେଟିକ୍ସ ଫେଡେରେସନ୍ ଅଫ୍ ଇଣ୍ଡିଆର ରବୀନ୍ଦ୍ର ଚୌଧୁରୀ ଏବଂ ଓଡ଼ିଶାର କ୍ରୀଡ଼ା ସଚିବ ଭୂପେନ୍ଦ୍ର ସିଂ ପୁନିଆ ପୋଲାଣ୍ଡରେ ଏହି ଚାମ୍ପିଅନସିପ୍ର ଫ୍ଲାଗ୍ ଗ୍ରହଣ କରିଥିଲେ। ଏହାଦ୍ୱାରା ଭାରତ ଓ ଓଡ଼ିଶାକୁ ଏହି ଚମ୍ପିଅନସିପ୍ ଆୟୋଜନ କରିବାର ଦାୟିତ୍ୱ ବିଧିବଦ୍ଧ ଭାବେ ପ୍ରଦାନ କରାଯାଇଛି। ପୋଲାଣ୍ଡରେ ୱାର୍ଲ୍ଡ ଆଥଲେଟିକ୍ସର ପ୍ରେସିଡେଣ୍ଟ ସେବାଷ୍ଟିଆନ୍ କୋ ଭାରତର ଓଡ଼ିଶାରେ ଏହି ଚାମ୍ପିଅନସିପ୍ ହେବ ବୋଲି ଘୋଷଣା କରିଥିଲେ। ଏହାଦ୍ୱାରା ବିଶ୍ୱ କ୍ରୀଡ଼ା ପଟଳରେ ଓଡ଼ିଶା ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିପାରିଛ। ପ୍ରକାଶ ଯେ ବିଶ୍ୱ ଆଥଲେଟିକ୍ସ ଚାମ୍ପିଅନସିପ୍ ବିଶ୍ୱସ୍ତରୀୟ ଟ୍ରାକ୍ ଆଣ୍ଡ ଫିଲ୍ଡର ଏକ ପ୍ରତିଷ୍ଠିତ କାର୍ଯ୍ୟକ୍ରମ। ଏଥିରେ ବିଶ୍ୱର ଶ୍ରେଷ୍ଠ ଖେଳାଳିମାନେ ପ୍ରତିଯୋଗିତା କରି ନିଜର ସର୍ବଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଉଦ୍ୟମ କରିଥାନ୍ତି।

ଜାତୀୟ ଚେତନା
JATIYA CHETANA





# ଭୁଲ୍‌ଟି କାହାର ?

## ଶିବାଶିଷ ପାଢ଼ୀ

ଫେସବୁକକୁ ଏମିତି ଘାଣ୍ଟୁଘାଣ୍ଟୁ ସାମ୍ନାକୁ ଆସିଥିବା ଫଟୋକୁ ଦେଖି ହଠାତ୍ ସ୍ଥିର ହୋଇଗଲା ଅଙ୍ଗୁଳି। କେବଳ ଅଙ୍ଗୁଳି କାହିଁକି ପୂରା ଶରୀର ପ୍ରାୟ ମୋଡ଼କୁ ଆସିଗଲା ଯେମିତି। ସେମିତି ଖୋଲାକୁ ଖୋଲା ରହିଗଲା ଆଖି। ପିପୁଲ୍ ୟୁ ମେ ନୋ... ରେ ଆସୁଥିଲା ସନ୍ଧ୍ୟା ଦାସର ଫଟୋ। କେଉଁ ଏକ ବାହାଘର ଭୋଜିରେ ଉଜ୍ଜଳ ଆଲୋକ ତଳେ ଏକ ସୁନ୍ଦର ମୁଦ୍ରାରେ ଠିଆ ହୋଇଥିଲା ଫଟୋଟି।

ସନ୍ଧ୍ୟା ଦାସ... ବାରମ୍ବାର ନାଁଟିକୁ ପଢୁଥିଲେ ସମୀରବାବୁ। ତା' ସହ ସନ୍ଧ୍ୟାର ଫଟୋକୁ ଜୁମ୍ କରିବାର ଚେଷ୍ଟା କରୁଥିଲେ ସେ, ହେଲେ ହେଉ ନ ଥିଲା ଜମା। କାରଣ ପ୍ରୋଫାଇଲକୁ ଲକ୍ କରି ରଖିଥିଲା ସନ୍ଧ୍ୟା। ବନ୍ଧୁ ତାଲିକାରେ ସେ ନ ଥିବା ଯୋଗୁଁ ପ୍ରୋଫାଇଲ ଫଟୋଟି ଜୁମ୍ ହେଉ ନ ଥିଲା। ହେଲେ ସେତେବେଳକୁ ମନ ଆଉ ବୋଲ ମାନିବାକୁ ପ୍ରସ୍ତୁତ ନ ଥିଲା। ଉପାୟ ଚିନ୍ତା କରିଥିଲେ ସେ। ଆଉ ଉପାୟ ତ ସବୁବେଳେ ଇଚ୍ଛାର ଅଧୀନ। ମିଳି ନ ଥାନ୍ତା କିପରି ? ମିଳିଗଲା ଉପାୟ ! ଚେହେରାରେ ଫୁଟି ଉଠିଲା ଏକ ସନ୍ତୁଷ୍ଟିର ହସ। ମୋବାଇଲ ସ୍କ୍ରିନର ଏକ ସ୍କ୍ରିନଶଟ୍ ନେଇଗଲେ ସେ। ଏବେ ଗ୍ୟାଲେରିରେ ସୁରକ୍ଷିତ ରହିଗଲା ଶଟ୍‌ଟି। ଗ୍ୟାଲେରି ଖୋଲି ତାକୁ ବଡ଼ କରି ଦେଖୁଥିଲେ ସେ। ଏବେ ଆଖି ସାମ୍ନାରେ ଥିଲା କୋଟିଏ ବର୍ଷ ତଳର ସେ ବିଫଳ ପ୍ରେମ, କେବେ ଯାହା ଦେଇଥିଲା ଅନେକ ଖୁସି କିନ୍ତୁ ତା' ବଦଳରେ କନ୍ଦାଇଥିଲା ମଧ୍ୟ ବହୁତ। କାନ୍ଦିଥିଲେ ଉଭୟ। ପ୍ରଥମେ କାନ୍ଦିଥିଲା ସନ୍ଧ୍ୟା ଏବଂ ପରେ ପରେ କାନ୍ଦିଥିଲେ ସମୀର। ମନେ ପଡୁଥିଲା ସବୁକିଛି। ଲାଗୁଥିଲା ଯେପରି କୋଟିଏ ବର୍ଷର କାଳଖଣ୍ଡଟି ହଠାତ୍ ମିଶିଗଲା ପବନରେ ଏବଂ ସେ ଗୋଟିଏ ଡିଆଁରେ ପହଞ୍ଚିଗଲେ କୋଟିଏ ବର୍ଷ ତଳକୁ। ଲାଗୁଥିଲା ଯେମିତି କୌଣସି ଟାଇମ୍‌ମେସିନ ଫେରାଇ ନେଇଛି ପଛକୁ। ୟୁନିଭର୍ସିଟି କ୍ୟାମ୍ପସ୍‌ର ପ୍ରଶାସନିକ ଭବନର ବାରଣ୍ଡାର ସେ ପ୍ରଥମ ସାକ୍ଷାତ। ସେଇଠି ଗୋଟିଏ ବର୍ଷର ସମ୍ପର୍କ। ସ୍ୱପ୍ନ ଦେଖିବାର ସେ ମହାର୍ଘ ମୁହୂର୍ତ୍ତସବୁ। ଘରକୁ ଫେରିବା ପରର ସେ ଲୁଚାଛପା ଫୋନ। ଟ୍ୟୁସନ୍ ପଇସାରେ ପିସିଓ ଭିତର ସେ ଛୋଟ କୋଠିରିରେ ପଶି ଘଣ୍ଟାଘଣ୍ଟା ଗପିବା। ଲାଗୁଥିଲା ସେ ନିରୁଦ୍ଦିଷ୍ଟ ସମୟକୁ ପୁଣିଥରେ ଜିଉଛନ୍ତି ସେ। ପ୍ରଥମ ପ୍ରେମର ସେ ମିଠାମିଠା ଅନୁଭୂତିକୁ ସାଉଁଟି ଚାଲିଥିବା ବେଳେ ପୁଣି ମନେ ପଡୁଥିଲା ତାଙ୍କ ସମ୍ପର୍କର ଖଳନାୟକ ଶାନ୍ତନୁର କଥା।

ତାରି କଥାରେ ସନ୍ଧ୍ୟାର କୌଣସି ପୁରୁଣା ସମ୍ପର୍କ ବିଷୟରେ ଜାଣିଥିଲେ ସମୀର। ତେଲଲଗା ଲଙ୍କାମସଲା ଦେଇ ଶାନ୍ତନୁ ଫାନ୍ଦି ଦେଇଥିଲା ପୁରା। ତା' ସହ ଅକାଟ୍ୟ ପ୍ରମାଣ ବି ଦେଇଥିଲା। କହିଥିଲା ପ୍ରେମଫ୍ରେମ କିଛି ନାହିଁ, ତା ସହ ଟାଇମ୍ ପାସ୍ କରୁଛି ସେ। ଏଇଟା ତା'ର ପୁରୁଣା ଅଭ୍ୟାସ। ଯେମିତି ଯାଦୁ କରି ଦେଇଥିଲା ଶାନ୍ତନୁ। ସେତେବେଳେ ଏକପାଖିଆ ଭାବେ ସମ୍ପର୍କ କାଟି ଦେଇଥିଲେ ସମୀର। ଖୁବ୍ କାନ୍ଦିଥିଲା ସନ୍ଧ୍ୟା, ନିଜ ପ୍ରେମର ଦୁଆହି ଦେଇଥିଲା, ନେହୁରା ହୋଇଥିଲା କିନ୍ତୁ ତରଳି ନ ଥିଲେ ସମୀର। ହେଲେ ଦିନେ ପୁଣି ତରଳିଥିଲେ ସମୀର ! ଯେତେବେଳେ ଜାଣିଥିଲେ ଶାନ୍ତନୁର ଚାଲକୁ ! ତାକୁ ରାସ୍ତାରୁ ହଟାଇବାକୁ ସେ କରିଥିବା ସୁଚିନ୍ତିତ ଯୋଜନା। ନିଜ ଉପରେ ରାଗିମାତି ପୁଣି ସନ୍ଧ୍ୟା ପାଖକୁ ଫେରିଥିଲେ ସେ, ହେଲେ ସେତେବେଳକୁ ବିତିଯାଇଥିଲା ଆଠ ମାସର ସମୟ ଏବଂ ନେଡ଼ି ଗୁଡ଼ କହୁଣିକୁ ବୋହି ସାରିଥିଲା। ନିଜ ପ୍ରେମ ଉପରୁ ଏବଂ ତାଙ୍କ ଉପରୁ ଆସ୍ଥା ହରାଇ ସନ୍ଧ୍ୟା ଶେଷକୁ ତା' ପାଇଁ ଆସିଥିବା ଅଧ୍ୟାପକ ପ୍ରସ୍ତାବରେ ସମ୍ମତି ଦେଇ ସାରିଥିଲା। ସେତେବେଳେ ଖୁବ୍ କାନ୍ଦିଥିଲେ ସମୀର। ଅନେକ ଚେଷ୍ଟା କରିଥିଲେ, ନେହୁରା ହୋଇଥିଲେ ହେଲେ ସେତେବେଳକୁ ସରି ଯାଇଥିଲା ସବୁକିଛି।

ସନ୍ଧ୍ୟାକୁ ସହଜରେ ଭୁଲି ପାରି ନ ଥିଲେ ସମୀର। କେଉଁଠି ଭୁଲ୍ ରହିଲା ଆଉ କାହାର ସେ ଭୁଲ୍, ତର୍ଜମାରେ ବିନିଦ୍ର ରହିଥିଲେ ଅନେକ ରାତି। ହେଲେ ସେ ଭୁଲ୍ ବି ପେଣ୍ଡୁଲମ ଭଳିଆ। କେତେବେଳେ ତାଙ୍କ ଆଡ଼କୁ ତ ପୁଣି କେତେବେଳେ ସନ୍ଧ୍ୟା ଆଡ଼କୁ ଗଡୁଥିଲା। ସନ୍ଧ୍ୟାର ଫଟୋକୁ ଭଲକରି ଦେଖୁଥିଲେ ସମୀର। ଯେତେଯେତେ ଦେଖୁଥିଲେ ସେତେସେତେ ବଡ଼ ହୋଇଚାଲିଥିଲା ଫଟୋ। କୋଟିଏ ବର୍ଷ ପରେ ବି ବହୁତ ସୁନ୍ଦର ଲାଗୁଥିଲା ସନ୍ଧ୍ୟା। ଲାଗୁଥିଲା ସେପରି ବୟସ ବାଟ ଭୁଲିଯାଇଛି। ଲାଗୁଥିଲା ଯେମିତି ସନ୍ଧ୍ୟା ରୂପରେ ବହୁତ କିଛି ହରାଇଦେଇଛନ୍ତି ସେ। ଯଦି ସନ୍ଧ୍ୟା ଆଜି ତାଙ୍କ ଜୀବନରେ ଥାଆନ୍ତା ତେବେ ଏବେ ବି ସବୁଦିନିଆ ବସନ୍ତର ମଳୟ ବୋହୁଥାଆନ୍ତା। ସନ୍ଧ୍ୟାକୁ ବାଇକ୍‌ରେ ବସାଇ ଖୁବ୍ ବୁଲନ୍ତେ ସେ। ସନ୍ଧ୍ୟା ସହ କେଉଁ ଏକ ରେସ୍ତୋରାଁର କୋଣରେ ବସି କ୍ୟାଣ୍ଡେଲ୍ ଲାଇଟ୍ ଡିନର କରନ୍ତେ। ଖୁବ୍ ଗପନ୍ତେ ଆଗପରି ! କଳ୍ପନା ରାଜ୍ୟରେ ହଜିଯାଉଥିଲେ ସମୀର। ମିଠାମିଠା ଭାବନାରେ ଆକାଶର ଉଚ୍ଚତା ମାପୁଥିଲେ।

ଠିକ୍ ସେତିକିବେଳେ ଚା' ନେଇ ଆସିଥିଲେ ପତ୍ନୀ ନମିତା। ନମିତାଙ୍କ ପଦପାତ ସହ ତାଳ ଦେଇ ତଳତଳ ହୋଇ ସାରିଥିଲା ଅଙ୍ଗୁଳି। ସ୍କ୍ରିନରୁ ଉଭାନ ହୋଇଯାଇଥିଲା ସନ୍ଧ୍ୟା। ହଠାତ୍ ମନକୁ ପ୍ରଶ୍ନ ଆସିଥିଲା-ସନ୍ଧ୍ୟା ଥିଲେ ଏତେ ସବୁ କରିଥାଆନ୍ତି ସିନା, ଯେ ଅଛି, ତା ପାଇଁ ସେ ନିଜକୁ ଉତ୍ସର୍ଗ କରିଦେଇଛି ତା' ପାଇଁ କ'ଣ କରୁଛି ? ପ୍ରଶ୍ନଟି ଘାଣ୍ଟୁଥିଲା କରୁଥିଲା ମନକୁ ! ପୋଛି ନେଉଥିଲା ସନ୍ଧ୍ୟାର ସ୍ମୃତିକୁ। ମନ ଭିତରୁ କେହି ଯେପରି କହୁଥିଲା-ସେତେବେଳେ କାହାର ଭୁଲ୍ ଥିଲା ସେ କଥା ତର୍ଜମା କରିବାର ମାନେ କିଛି ନାହିଁ। ଏବେ କିନ୍ତୁ ଭୁଲ୍‌ଟି ତୋ ନିଜର। ମୁଁ ସୁଧାରି ନେବି ଯେ ମନେମନେ କହି ଚା' କପକୁ ଧରିଥିବା ସେ କହିଥିଲେ-ବହୁତ ଦିନ ହେଲା କୁଆଡ଼େ ଯାଇନୁ ଆମେ। ଚାଲ ଆଜି ବହୁତ ବୁଲିବା। ହଁ ରାତିରେ ଖାଇକି ଫେରିବା। ଆଶ୍ଚର୍ଯ୍ୟ ହେଉଥିଲେ ନମିତା ! ହେଲେ ତାଙ୍କ ଚେହେରାରେ ହଠାତ୍ ଖେଳିଗଲା ଖୁସିର ଏକ ଚମକ। ସେ ଖୁସି ସାଉଁଣ୍ଟିବା ସଂଜ୍ଞା ଗଲା। ସମୀରଙ୍କ ଚେହେରାକୁ ଟିକ୍କୁ ପ୍ରସ୍ତୁତ କରୁଛି କହି ଚାଲିଯାଇଥିଲେ ନମିତା। ତାଙ୍କ ଯିବାବାଟକୁ ଚାହିଁ ରହିଥିଲେ ସମୀରବାବୁ। ମନେମନେ କହିଥିଲେ-ଆଇ ଲଭ୍ ୟୁ ସନ୍ଧ୍ୟା ଦାସ... !

**ହେମଗିରି, ସୁନ୍ଦରଗଡ଼**

## ସମ୍ପର୍କର ପବିତ୍ରତା

ଦୀର୍ଘ ଦୁଇ ବର୍ଷ ପରେ ସୁମିତ୍ରାଙ୍କ ନଣନ୍ଦେଇ ପ୍ରକାଶ ଓ ନଣନ୍ଦ ରୀତା ଗାଁକୁ ଆସିଛନ୍ତି। ପ୍ରକାଶଙ୍କ ପସନ୍ଦର ଖାଦ୍ୟ ପ୍ରସ୍ତୁତ କରି ସୁମିତ୍ରା ସେମାନଙ୍କୁ ସ୍ନେହର ସହ ସ୍ୱାଗତ କରିଥିଲେ। ପ୍ରକାଶ ସୁମିତ୍ରାଙ୍କୁ ନିଜ ବଡ଼ ଭଉଣୀ ପରି ସମ୍ମାନ କରନ୍ତି ଏବଂ ତାଙ୍କ ବିପଦ ସମୟରେ ସୁମିତ୍ରା ଦେଇଥିବା ସାହସକୁ ସେ ଆଜି ବି ମନେ ରଖିଛନ୍ତି। ଖାଇବା ଟେବୁଲରେ ହସଖୁସିର ଆସର ଜମିଥିବା ବେଳେ ସୁମିତ୍ରା କହିଥିଲେ ଯେ, ସମ୍ପର୍କର ନାଁ ଯାହା ହେଉନା କାହିଁକି, ଯଦି ସେଥିରେ ସମ୍ମାନ ଓ ନିଃସ୍ୱାର୍ଥପର ସ୍ନେହ ଥାଏ, ତେବେ ତାହା ହିଁ ପବିତ୍ର ସମ୍ପର୍କ।

ରାତି ବଢୁଥିଲେ ମଧ୍ୟ ସ୍ମୃତିର ପେଡ଼ି ଖୋଲିଯାଇଥିବାରୁ କାହାରି ଆଖିରେ ନିଦ ନ ଥିଲା। ରୀତା ଭାଉଜଙ୍କ ହାତ ରନ୍ଧାର ପ୍ରଶଂସା କରୁଥିବା ବେଳେ ସୁମିତ୍ରା କହିଲେ, 'ସହରର ଚକାଚକ୍ୟ ଭିତରେ ଗାଁର ମାଟି ମହକ କେବେ ହଜିଯାଏ ନାହିଁ।' ପ୍ରକାଶ ବାବୁ ଅନୁଭବ କରୁଥିଲେ ଯେ ରକ୍ତର ସମ୍ପର୍କ ଅପେକ୍ଷା ହୃଦୟର ସମ୍ପର୍କ ଅଧିକ ନିବିଡ଼। ସେହି ଘରର ପ୍ରତିଟି କୋଣ ଆଜି ପରିବାରର ପୂର୍ଣ୍ଣତାକୁ ଉପଭୋଗ କରୁଥିଲା। ଶେଷରେ, ଶ୍ରଦ୍ଧା ଓ ବିଶ୍ୱାସର ଏହି ବନ୍ଧନ ହିଁ ସେମାନଙ୍କୁ ସବୁଦିନ ପାଇଁ ଯୋଡ଼ି ରଖିଥିଲା।

**ବିଷ୍ଣୁପ୍ରିୟା ପଟ୍ଟନାୟକ**
*ଯାଁଳା, ଖୋର୍ଦ୍ଧା*

## କାଳ ଛତିଶା



କାନ୍ଦୁଅଛି ପ୍ରେମ ହସୁଛି କାମୁକ ପୂର୍ଣ୍ୟତା
ପଡୁଛି ବଳୀ
ବିଶ୍ୱାସଘାତକ ପାଦତଳେ ଦିଏ ରକତ
ଗୋଲାପ ଦଳି
ବାଲିଘର ପରି ଧୋଇ ଯାଉଅଛି ସମ୍ପର୍କ
ସ୍ୱପ୍ନ ସଂସାର
ବିବେକକୁ ଫାଶୀଖୁଣ୍ଟେ ଝୁଲେଇଲେ
ଏମିତି ଘଟିବା ସାର।
କୁହୁଳି କୁହୁଳି କଇଁ କଇଁ କାନ୍ଦେ ସରଳ
ହୃଦୟ ମନ
ଜିଭ ଲହଲହ କରେ ଭ୍ରଷ୍ଟାଚାରୀ
ଶୋଷିବାକୁ ପର ଧନ
ସଫେଦ ପୋଷାକ ଦିଶେ ଚକଚକ
ଉପରକୁ ଖାଲି ସିନା
ମଣିଷ ପଣିଆ ନଥିଲେ ହୃଦୟେ କେଉଁ
ମଣିଷରେ ଗଣା ।
ସାତ ଜନମକୁ କଥା ଦେଉଥିବା ପତ୍ନୀ ବି
ବଦଳି ଯାଏ
ସାତପର କରି ରକତ ସମ୍ପର୍କ ବିପଦକୁ
ଠେଲିଦିଏ
ସତୀ ସାବିତ୍ରୀର ଅଭିନୟ କରି ଜାଳୁଛି
ବିଟପୀ ସଞ୍ଜିବତୀ
ଗରୀବ ଘରର ମଲ୍ଲୀ ହେନା ଜୁଇ ମିଛେ
ବି ହୁଏ ଅସତୀ।
ଧୋକା ଛଳନାର ବଢୁଅଛି ଭାଉ ସଭିଏଁ
ତ ସ୍ୱାର୍ଥପର
କେମିତି କାହାକୁ ଚୁନ ମାରିହେବ ଚାଲେ
ବିଲୁଆ ବିଚାର
ନୀତି ନୈତିକତା ଈଶ୍ୱର ବିଶ୍ୱାସ ଅମୃତ
ସନ୍ତାନ ଭୁଲି
ପାପର ପଙ୍କରେ ନର୍କର ରାସ୍ତାରେ
କାହିଁକି ଯାଉଛି ଚାଲି ?
ଦେଖୁଛି ଦୁନିଆଁ ଧରମ ନାମରେ
ଅଧର୍ମର ଅଭିବୃଦ୍ଧି
ଧର୍ମାନ୍ଧତା କାଣ୍ଡ ଅମୃତ ସନ୍ତାନ କଳିଜାକୁ
ଦିଏ ବିନ୍ଧି
ବିଶ୍ୱ ଭାତୃତ୍ୱର ମିଛ ନାରାବାଜି ଶୁଣୁଛୁ
ସଭିଏଁ ଆମେ
ଉଣ୍ଡୁଛୁ ସୁଯୋଗ ଧ୍ୱଂସ କରିବାକୁ
ସଭ୍ୟତାକୁ କାଳକ୍ରମେ ।
ଦେଖୁଛି ମଣିଷ ଧ୍ୱଂସର ସମାଧି ତଥାପି
ବଦଳୁ ନାହିଁ
ଦୁଇ ଦିନ ପାଇଁ ଦୁନିଆକୁ ଆସି ନାଚେ
ଆତ୍ମଗର୍ବୀ ହୋଇ
ଛଳନାର ପୁଞ୍ଜି ପ୍ରତାରଣା ବିଷ ସତରେ
କି ଶାନ୍ତି ଦିଏ ?
ସମୟ ଚକ୍ରରେ ସୁବିଧାବାଦୀର
ଅକାଳରେ ମୃତ୍ୟୁ ହୁଏ।
ଜାଳୁଛି ମଣିଷ ଜଳୁଛି ମଣିଷ ସମୟ
ମୁରୁକି ହସେ
ନିର୍ବୋଧ ଜୀବଟା ପାରୁନାହିଁ ବୁଝି
ପଡ଼ିଯିବ ନିଜ ଫାଶେ
ପ୍ରେମ ହେଉ ଅବା ଜୀବନେ ସମ୍ପର୍କ
ସ୍ୱାର୍ଥେ ହେଲେ କଳଙ୍କିତ
ପବିତ୍ରତା ଆଉ ଆସିବ କେଉଁଠୁ
ହାରିବାଟା ଶେଷେ ସତ ।
ଯେମିତି ବୁଣିବା ସେମିତି କାଟିବା କର୍ମ
ଅନୁସାରେ ଫଳ
ଅମଡ଼ା ବାଟରେ ବୋଟୋଇ ସାଜିଲେ
ମିଳିବନି ଟୋପେ ଜଳ
ଅନ୍ୟାୟ ଅନୀତି ଅଧର୍ମ କୁକର୍ମ
ଉଜାଡ଼ିବ ସବୁ ସ୍ୱପ୍ନ
ଅକାଳରେ ଯମ ନେଇଯିବ ବାନ୍ଧି
ଜୀବନ ହେବ ଶ୍ମଶାନ ।
ଶରୀରକୁ ନେଇ କିଏବା ଜିଇଁଛି ହେଇଛି
ଚିର ଅମର
ଯିଏ ବି ଆସିଛି ନିଶ୍ଚିତ ଫେରିଛି
ସମୟର ଡାକରାର
ହେ ମଣିଷ ଜାତି ବେଳ ଥାଉ ଥାଉ
ହେଇଯାଅ ସାବଧାନ
ନଗଲେ ସୁଧୁରି ହୋଇବ ଜୀବନ
ନିରର୍ଥକ ମୂଲ୍ୟହୀନ ।

**ଭାସ୍କର ବାରିକ୍**
ବାସୁଦେବପୁର, ଭଦ୍ରକ
ଦୂରଭାଷ: ୯୪୩୭୩୨୦୩୫୦

## ପ୍ରଣାମ ସହିଦ

ବନ୍ଦେ ଉତ୍କଳ ଜନନୀ ବନ୍ଦେ
ବନ୍ଦେ ବୀର ଯବାନ,
କୋଟି ସଲାମ ହେ ବୀର ସଇନ
ତୁମ ବୀରତ୍ୱ ମହାନ।
ଭାରତୀ ସନ୍ତାନ ଏହି ଭାରତର
ଟେକ ରଖ ଦେଇ ଲହୁ,
ବୀର ପ୍ରସବିନୀ ମୋ ଭାରତ ଭୂଇଁ
ତା'ପରି ନାହିଁ କେ ଆଉ।
ସାହସ,ଶାନ୍ତି, ମୈତ୍ରୀ ପ୍ରୀତିର
ଉଦାହରଣ ଭାରତ,
ଜୟୀ ରାଜଗୁରୁ, ଭଗତ, ବାଜିଆ
ଧରମା ବାଜିରାଉତ।
ଦେଶପ୍ରେମ ଆଉ ତ୍ୟାଗ ନିଦର୍ଶନ
ଗାଉଛି ସାରା ଜଗତ,
ଜୟ ମୋ ଉତ୍କଳ ଜୟ ମାଟି ମାଆ
ଶ୍ରେଷ୍ଠ ଅଟେ ମୋ ଭାରତ।
କେତେ ବୀରାନାରୀ
ବଳିଦାନ ଦେଇ
ରହିଲେ ହୋଇ ଅମର,
ଦେଶର ସୁରକ୍ଷା କଲ ବୀରପୁତ୍ର
ତୁମେ ଭାରତ ମାଆର।
ଭୁଲି ଘରଦ୍ୱାର, ପିଲା ପରିବାର
ରଖିଲ ଭାରତ ଟେକ,
କହିଲ ଗରବେ ମୋ ଭାରତ ଜୟ
ଦେଖରେ ଜଗତ ଦେଖ।
ତ୍ରିରଙ୍ଗାର ଜୟଗାନ କରି କରି
ତ୍ରିରଙ୍ଗାରେ ଗଲ ଶୋଇ,
ବନ୍ଦେ ଉତ୍କଳ ଜନନୀ ଭାରତ
ବନ୍ଦେ ମୋ ବୀର ଭୂଇଁ।
ସଲାମ ସହିଦ ସହିଦ ସଲାମ
ଗାଆନ୍ତି ଭଉଣୀ ଭାଇ,
ହେ ବୀର ସହିଦ ରହିଲ ଅମର
ଝୁରେ ଏ ଭାରତ ଭୂଇଁ।

**ପ୍ରଣତି ମହାପାତ୍ର**
ଫକୀରମୋହନ ନଗର, ବାଲେଶ୍ୱର

# ବିଜୟ ଖାତା ଖୋଲିଲା ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ୍

ହାଇଦ୍ରାବାଦ,(ଏଜେନ୍ସି): ସନ୍‌ରାଇଜର୍ସ ହାଇଦ୍ରାବାଦକୁ ୫ ୱିକେଟ୍‌ରେ ହରାଇ ଲକ୍ଷ୍ନୌ ସୁପର୍ ଜାଏଣ୍ଟସ ଚଳିତ ଆଇପିଏଲ୍ ସିଜନ୍‌ରେ ବିଜୟ ଖାତା ଖୋଲିଛି । ଅନ୍ୟପକ୍ଷରେ ହାଇଦ୍ରାବାଦ ୩ଟି ମ୍ୟାଚ୍‌ରେ ଦ୍ୱିତୀୟ ପରାଜୟ ବରଣ କରିଛି । ସ୍ଥାନୀୟ ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଘରୋଇ ହାଇଦ୍ରାବାଦ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ୍ ହରାଇ ୧୫୬ ରନ୍ କରିଥିଲା । ଜବାବରେ ଲକ୍ଷ୍ନୌ ଗୋଟିଏ ବଲ୍ ବାକିଥାଇ ୫ ୱିକେଟ୍ ବିନିମୟରେ ୧୬୦ ରନ୍ କରି ବିଜୟୀ ହୋଇଛି । ଲକ୍ଷ୍ନୌ ପକ୍ଷରୁ ଅଧିନାୟକ ଋଷଭ ପନ୍ତ ୫୦ ବଲ୍‌ରେ ୯ ଚୌକା ସହାୟତାରେ ଅପରାଜିତ ୬୮ ରନ୍ କରିଥିଲେ । ଲକ୍ଷ୍ନୌକୁ ଅନ୍ତିମ ଓଭରରେ ବିଜୟ ପାଇଁ ୯ ରନ୍ ଆବଶ୍ୟକ ଥିବାବେଳେ ପନ୍ତ ତିନିଟି ଚୌକା ମାରି ମ୍ୟାଚ୍ ଫିନିଶ୍ କରିଥିଲେ ।

ଚଳିତ ସିଜନ୍‌ରେ ଏହା ଲକ୍ଷ୍ନୌର ପ୍ରଥମ ବିଜୟ । ପ୍ରଥମ ମ୍ୟାଚ୍‌ରେ ଟିମ୍ ଦିଲ୍ଲୀ କ୍ୟାପିଟାଲ୍ସ ହାତରେ ୬ ୱିକେଟ୍‌ରେ ପରାଜିତ ହୋଇଥିଲା । ଅନ୍ୟପକ୍ଷରେ ପ୍ରଥମ ମ୍ୟାଚ୍‌ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଠାରୁ ୬ ୱିକେଟ୍‌ରେ ପରାଜିତ ହୋଇଥିବା ହାଇଦ୍ରାବାଦ ଜୋରଦାର ପ୍ରତ୍ୟାବର୍ତ୍ତନ କରି ଦ୍ୱିତୀୟ ମ୍ୟାଚ୍ କୋଲକାତା ନାଇଟ୍ ରାଇଡର୍ସକୁ ୬୫ ରନ୍‌ରେ ମାତ୍ ଦେଇଥିଲା । ଏବେ ତୃତୟ ମ୍ୟାଚ୍‌ରେ ଟିମ୍‌କୁ ପରାଜୟର ମୁହଁ ଦେଖିବାକୁ ମିଳିଛି ।



୧୫୭ ରନ୍‌ର ବିଜୟ ଲକ୍ଷ୍ୟ ପିଛା କରୁଥିବା ଲକ୍ଷ୍ନୌ ସୁପର୍ ଜାଏଣ୍ଟକୁ ଇଶାନ୍ ମାଲିଙ୍ଗା ପ୍ରଥମ ଝଟ୍‌କା ଦେଇଥିଲେ । ୧୪ ରନ୍ କରିଥିବା ମିଚେଲ୍ ମାର୍ଶଙ୍କୁ ସେ ପ୍ୟାଭିଲିୟନ୍ ଫେରାଇଥିଲେ । ଏହାପରେ ଏଡେନ୍ ମାର୍କରମ୍ କେତେକ ବଡ଼ ଶଟ୍ ଖେଳି ଲକ୍ଷ୍ନୌ ଇନିଂସ୍‌କୁ ମୋମେଣ୍ଟମ୍ ଦେଇଥିଲେ । ମାର୍କରମ୍ ୨୭ ବଲ୍‌ରେ ୬ ଚୌକା ଓ ଦୁଇଟି ଛକା ସହାତୟାରେ ୪୫ ରନ୍ କରି ସ୍ପିନର୍ ଶିବାଙ୍ଗ କୁମାରଙ୍କ ଦ୍ୱାରା ଆଉଟ୍ ହୋଇଥିଲେ । ଇମ୍ପାକ୍ଟ ସବ୍ ଆୟୁଷ ବଡ଼ୋନୀ ୧୨ ରନ୍ ଏବଂ ନିକୋଲାସ୍ ପୂରନ୍ ମାତ୍ର ୧ ରନ୍ କରି ଆଉଟ୍ ହୋଇଥିଲେ । ଏହାପରେ ଅବ୍‌ଦୁଲ୍ ସମଦ ଓ ଋଷଭ ପନ୍ତଙ୍କ ମଧ୍ୟରେ ୩୪ ରନ୍‌ର ପାର୍ଟନରଶିପ୍ ହୋଇଥିଲା, ଯାହା ଟିମ୍‌କୁ ବିଜୟ ନିକଟବର୍ତ୍ତୀ କରାଇଥିଲା । ମାତ୍ର ସମଦ ୧୬ ରନ୍ କରିଥିବା ବେଳେ ହର୍ଷ ଦୁବେଙ୍କ ଶିକାର ହୋଇଥିଲେ । ଏହାପରେ ପନ୍ତ ପୂରା ଦାୟିତ୍ୱ କାନ୍ଧକୁ ନେଇ ଟିମ୍‌କୁ ବିଜୟ ଦେଇଥିଲେ ।

ଏହା ପୂର୍ବରୁ ଟସ୍ ହାରି ବ୍ୟାଟିଂ ପାଇଥିବା ସନ୍‌ରାଇଜର୍ସ ହାଇଦ୍ରାବାଦ ଦୁଇ ଓପ୍ନର୍ ଅଭିଷେକ ଶର୍ମା (ଶୂନ୍ୟ) ଏବଂ ଟ୍ରାଭିସ୍ ହେଡ୍ (୭ ରନ୍)ଙ୍କୁ ଶୀଘ୍ର ହରାଇଥିଲା । ଦୁହିଁଙ୍କୁ ମହମ୍ମଦ ଶାମୀ ଆଉଟ୍ କରିଥିଲେ । କ୍ୟାପଟେନ୍ ଈଶାନ୍ କିଶନ୍ ନିରାଶ କରିବା ସହିତ ମାତ୍ର ୧ ରନ୍‌ରେ ବିଦାୟ ନେଇଥିଲେ । ଲିଆମ୍ ଲିଭିଙ୍ଗ୍‌ଷ୍ଟୋନ୍ ବ୍ୟକ୍ତିଗତ ୧୪ ରନ୍‌ର ସ୍କୋର୍‌ରେ ଦିଗ୍‌ଭେଶ ରାଠୀଙ୍କ ଶିକାର ହୋଇଥିଲେ । ୨୬ ରନ୍‌ରେ ୪ ୱିକେଟ୍‌ର ପତନ ପରେ ହେନ୍‌ରିକ୍ କ୍ଲାସେନ୍ ଓ ନୀତୀଶ କୁମାର ରେଡ୍ଡୀ ୧୧୬ ରନ୍‌ର ପାର୍ଟନରଶିପ୍ କରି ଟିମ୍‌କୁ ସମ୍ଭାଳିଥିଲେ । ନୀତୀଶ ୫ ଛକା ଓ ତିନି ଚୌକା ସହାୟତାରେ ୩୩ ବଲ୍‌ରୁ ୫୬ ରନ୍ କରି ମଣିମାରନ୍ ସିଦ୍ଧାର୍ଥଙ୍କ ଦ୍ୱାରା ଆଉଟ୍ ହୋଇଥିଲେ । ଏହାପରେ ଆଭେସ୍ ଖାନ୍ ଲଗାତାର ବଲ୍‌ରେ କ୍ଲାସେନ୍ ଓ ହର୍ଷ ଦୁବେ (୦)ଙ୍କୁ ଆଉଟ୍ କରିଥିଲେ । କ୍ଲାସେନ୍ ୪୧ ବଲ୍‌ରେ ୫ ଚୌକା ଓ ଦୁଇ ଛକା ବଳରେ ୬୧ ରନ୍ କରିଥିଲେ । ଅନ୍ତିମ ଓଭର୍‌ରେ ଟିମ୍ ଶିବାଂବ କୁମାର (୫ ରନ୍) ଓ ହର୍ଷଲ୍ ପଟେଲ୍ (୪ ରନ୍)ଙ୍କ ୱିକେଟ୍ ହରାଇଥିଲା । ଲକ୍ଷ୍ନୌ ପକ୍ଷରୁ ମହମ୍ମଦ ଶମୀ, ପ୍ରିନ୍ସ ଯାଦବ ଓ ଆଭେସ୍ ଖାନ୍ ୨-୨ ୱିକେଟ୍ ଅକ୍ତିଆର କରିଥିଲେ ।

# ହାଇଦ୍ରାବାଦର ଲଜ୍ଜାନକ ରେକର୍ଡ

ହାଇଦ୍ରାବାଦ,(ଏଜେନ୍ସି): ସନ୍‌ରାଇଜର୍ସ ହାଇଦ୍ରାବାଦ (ଏସ୍‌ଆର୍‌ଏଚ୍) ରବିବାର ଲକ୍ଷ୍ନୌ ସୁପର୍ ଜାଏଣ୍ଟସ (ଏଲ୍‌ଏସ୍‌ଜି) ବିପକ୍ଷ ଆଇପିଏଲ୍ ମ୍ୟାଚ୍‌ରେ ଲଜ୍ଜାଜନକ ରେକର୍ଡ ସୂଚୀରେ ସାମିଲ ହୋଇଛି । ହାଇଦ୍ରାବାଦ ଆଇପିଏଲ୍‌ର ପ୍ରଥମ ୧୦ ଓଭର୍‌ରେ ଚତୁର୍ଥ ସର୍ବନିମ୍ନ ସ୍କୋର୍ କରିଛି । ଟିମ୍ ପ୍ରଥମ ୧୦ ଓଭର୍‌ରେ ଟ୍ରାଭିସ୍ ହେଡ୍, ଅଭିଷେକ ଶର୍ମା, କ୍ୟାପଟେନ୍ ଈଶାନ୍ କିଶନ୍ ଏବଂ ଲିଆମ୍ ଲିଭିଙ୍ଗ୍‌ଷ୍ଟୋନ୍‌ଙ୍କ ୱିକେଟ୍ ହରାଇ ୩୫ ରନ୍ କରିଥିଲା । ଏହା ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ ୨୦୧୫ ଆଇପିଏଲ୍ ସିଜନ୍‌ରେ ପଞ୍ଜାବ କିଙ୍ଗ୍‌ସ ବିପକ୍ଷରେ ପ୍ରଥମ ୧୦ ଓଭର୍‌ରେ ୩୨/୪ର ସ୍କୋର୍ କରିଥିଲା । ସେହିପରି ଏହି ଲଜ୍ଜାଜନକ ରେକର୍ଡ ଲିଷ୍ଟରେ ରାଜସ୍ଥାନ ରୟାଲ୍ସ କେପ୍ ଟାଉନ୍‌ରେ (୨୦୦୯) ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷରେ ୩୨/୫ ସ୍କୋର୍ କରିଥିଲା । ପ୍ରଥମ ୧୦ ଓଭର୍‌ରେ ସବୁଠୁ କମ୍ ସ୍କୋର୍ କୋଲ୍‌କାତା ନାଇଟ୍ ରାଇଡର୍ସ ନାମରେ ରହିଛି । ଟିମ୍ ୨୦୦୯ରେ ଡେକାନ୍ ଚାର୍ଜର୍ସ (ବନ୍ଦ ହୋଇସାରିଛି) ବିପକ୍ଷରେ ୩୧/୩ ସ୍କୋର୍ କରିଥିଲା ।

# ଏସିଆନ୍ ବକ୍ସିଂ ସେମିରେ ମୀନାକ୍ଷୀ, ଜସ୍ମିନ୍

ନୂଆଦିଲ୍ଲୀ,(ଏଜେନ୍ସି): ମଙ୍ଗୋଲିଆ ରାଜଧାନୀ ଉଲାନ୍‌ବାଟର୍‌ରେ ଚାଲିଥିବା ଏସିଆନ୍ ବକ୍ସିଂ ଚାମ୍ପିଅନ୍‌ଶିପ୍‌ରେ ଭାରତୀୟ ମହିଳା ବକ୍ସର୍‌ଙ୍କ ଦମ୍‌ଦାର ପ୍ରଦର୍ଶନ ଜାରି ରହିଛି । ମୀନାକ୍ଷୀ ହୁଡ୍ଡା ଏବଂ ଜସ୍ମିନ୍ ଲାମ୍ବୋରିଆ ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି । ଏହି ଦୁହିଁଙ୍କ ବିଜୟ ସହିତ ଭାରତୀୟ ଦଳର ସମସ୍ତ ବକ୍ସର୍ ପଦକ ପକ୍କା କରିଛନ୍ତି । ମୀନାକ୍ଷୀ ୪୮ କିଲୋଗ୍ରାମ ବର୍ଗରେ ଜାପାନ୍‌ର ୟୁକା ସାଦାମାସୁଙ୍କୁ ଏକତରଫା ମ୍ୟାଚ୍‌ରେ ୫-୦ରେ ହରାଇଛନ୍ତି । ସେହିପରି ଜସ୍ମିନ୍ ୫୭ କିଲୋଗ୍ରାମ୍ ବର୍ଗରେ ଚୀନ୍‌ର ଜୀୟୀ ୱେନ୍‌ଙ୍କୁ ମଧ୍ୟ ୫-୦ ବ୍ୟବଧାନରେ ହରାଇ ସେମିଫାଇନାଲ୍ ସ୍ଥାନ ହାସଲ କରିଛନ୍ତି । ପୁରୁଷ ବର୍ଗରେ ମଧ୍ୟ ଭାରତର ପ୍ରଦର୍ଶନ ଉନ୍ନତ ରହିଛି । ଲୋକେଶ (୮୫ କିଗ୍ରା) କୋରିଆର ଗିଚାଏ କିମ୍‌ଙ୍କୁ ୫-୦ରେ ହରାଇ ଅନ୍ତିମ ଚାରିରେ ପ୍ରବେଶ କରିଛନ୍ତି । ଏହାପରେ ଆକାଶ (୭୫ କିଗ୍ରା) ତୁର୍କମେନିସ୍ତାନର ୟହଲାସ୍ ବଗତ୍ୟାରୋଭ୍‌ଙ୍କୁ ୫-୦ରେ ଏବଂ ହର୍ଷ ଚୌଧୁରୀ (୯୫ କିଗ୍ରା) କିର୍ଗିଜସ୍ତାନର ତିନିସ୍ତାନ ଅଲିବାୟେଭ୍‌ଙ୍କୁ ପରାଜିତ କରି ସେମିଫାଇନାଲ୍‌ରେ ସ୍ଥାନ ହାସଲ କରିଛନ୍ତି । ଏହା ସହିତ ଭାରତର ବର୍ତ୍ତମାନ ସୁଦ୍ଧା ୬ ବକ୍ସର୍ ସେମିଫାଇନାଲ୍‌ରେ ପ୍ରବେଶ କରିସାରିଛନ୍ତି । ତେବେ ଅଙ୍କୁଶ ୮୦ କିଲୋଗ୍ରାମ ବର୍ଗରେ ଜୋର୍ଡାନ୍‌ର ହୁସେନ୍ ଇଶାଇଶ୍‌ଙ୍କ ଠାରୁ ପରାଜିତ ହୋଇ ଟୁର୍ଣ୍ଣାମେଣ୍ଟ୍‌ରୁ ବାଦ୍ ପଡ଼ିଛନ୍ତି ।

# ସେଣ୍ଟ୍ରାଲ୍ ଏସିଆନ୍ ହ୍ୟାଣ୍ଡ୍‌ବଲ୍‌ରେ ଭାରତକୁ ବ୍ରୋଞ୍ଜ୍

ଭୁବନେଶ୍ୱର,(ଜା.ପ୍ର): ଉଜ୍‌ବେକିସ୍ତାନର ସମରକନ୍ଦଠାରେ ମାର୍ଚ୍ଚ ୩୧ରୁ ଏପ୍ରିଲ୍ ୭ ତାରିଖ ପର୍ଯ୍ୟନ୍ତ ଆୟୋଜିତ ପଞ୍ଚମ ସେଣ୍ଟ୍ରାଲ୍ ଏସିଆନ୍ ହ୍ୟାଣ୍ଡ୍‌ବଲ୍ ଚାମ୍ପିଅନ୍‌ଶିପ୍‌ରେ କଜାକିସ୍ତାନକୁ ୨୫-୨୦ ଗୋଲ୍‌ରେ ହରାଇ ଭାରତ ବ୍ରୋଞ୍ଜ୍ ପଦକ ଜିତିଛି । ଭାରତୀୟ ଦଳର ଓଡ଼ିଆ ଖେଳାଳି ସ୍ୱସ୍ତିକ ମହାପ୍ରସାଦ ପତି ଉନ୍ନତ ପ୍ରଦର୍ଶନ କରିଥିଲେ । ଅନ୍ୟପକ୍ଷରେ ଓଡ଼ିଶାର ଗୌରୀଶଙ୍କର ମିଶ୍ର ଖେଳ ପରିଚାଳନା କରିଥିଲେ । ସ୍ୱସ୍ତିକ୍ ଓ ଗୋରୀ ଶଙ୍କରଙ୍କ ଏହି ସଫଳତା ପାଇଁ ଓଡ଼ିଶା ରାଜ୍ୟ ହ୍ୟାଣ୍ଡ୍‌ବଲ୍ ସଂଘ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ଇଂ. ମାନସକ କୁମାର ସିଂ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ ଓ ଭୁବନେଶ୍ୱର ହ୍ୟାଣ୍ଡ୍‌ବଲ୍ ସମ୍ପାଦକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ସୂଚନାଯୋଗ୍ୟ ଏହା ପୂର୍ବରୁ ୨୦୨୪ରେ ଓଡ଼ିଶାର ପ୍ରଥମ ହ୍ୟାଣ୍ଡ୍‌ବଲ୍ ତାରକା ଆର୍ଯ୍ୟନ୍ ବ୍ରାହ୍ମୀନ୍ ଭାରତୀୟ ଦଳ ପକ୍ଷରୁ ବ୍ରୋଞ୍ଜ୍ ପଦକ ଜିତି ଓଡ଼ିଶା ପାଇଁ ଗୌରବ ଆଣିଥିଲେ ।

## ବନ୍ଦେ ଉତ୍କଳ ଜନନୀ



ଉତ୍କର୍ଷ କଳାର ରାଇଜ ଉତ୍କଳ
ଶୋଭା ନିଏ ମନ କିଣି
ସୁଜଳା ସୁଫଳା ଶସ୍ୟ ଶ୍ୟାମଳା
ବନ୍ଦେ ଉତ୍କଳ ଜନନୀ ।
ପ୍ରାକୃତିକ ସମ୍ପଦର ଗନ୍ତାଘର
ଅଟେ ଚାରୁ ଶୋଭାମୟୀ
ଯା' କଳା ନୈପୁଣ୍ୟ ମୁଗ୍ଧ କରେ ପ୍ରାଣ
ଅଟେ ପୁଣ୍ୟ ତୀର୍ଥମୟୀ ।
ତା' କୋଳେ ଜନମି ଧନ୍ୟ ଆଜି ମୁହିଁ
ନାହିଁ ତାର ପଟାନ୍ତର
କେତେ ନଦ ନଦୀ ବଣ ପରବତ
ଧରଇ ଶୋଭା ସମ୍ଭାର ।
ଶୌର୍ଯ୍ୟ ବୀର୍ଯ୍ୟରେ ସନ୍ତାନଗଣ
ରଖିଯାଇଛନ୍ତି ଟେକ
ଐର ଖାରବେଳ କପିଳେନ୍ଦ୍ର ଦେବ
ଏ ମାଟି ବୀର ପୁଙ୍ଗବ ।
ଉତ୍କଳ ଭାରତୀ ସେବା କରି ନିତି
କେତେ ଯେ କବି ଲେଖକ
କଲମ ମୁନରେ ସୃଜି ଯାଇଛନ୍ତି
କେତେ କଳା କୋଣାରକ ।
କଳା ସଂସ୍କୃତି ଐତିହ୍ୟ ପରମ୍ପରା
ଅଟଇ ଯା'ର ମହାନ
ସାହିତ୍ୟ ବିଜ୍ଞାନ ଧରମ ଦର୍ଶନ
ବଢ଼ାଏ ମାଟି ସମ୍ମାନ ।
ଆଧ୍ୟାତ୍ମିକ ଭାବ ଧାରାରେ ଏ ମାଟି
ଅଟଇ ସଦା ପବିତ୍ର
ପ୍ରତି ଓଡ଼ିଆଙ୍କ ଆରାଧ୍ୟ ଦେବତା
ପୂଜିତ ଶ୍ରୀ ଜଗନ୍ନାଥ ।
ଯା'ର ବରପୁତ୍ର ବିଶ୍ୱ ଦରବାରେ
ରଖି ଅଛନ୍ତି ସୁନାମ
ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ
ଗଢ଼ି କଲେ ପୁଣ୍ୟ କର୍ମ ।
ଉତ୍କଳ ଗୌରବ ମଧୁସୂଦନ
ଏ ଜାତିର ଭଗିରଥ
ମାତୃଭୂମି ମାତୃଭାଷା ଉନ୍ନତିରେ
ଜୀବନ କଲେ ସାର୍ଥକ ।
ସେବାର ପ୍ରତୀକ ଗୋପବନ୍ଧୁ ଦାସ
ଅଟନ୍ତି ଉତ୍କଳମଣି
ବହୁତ ସୁଯୋଗ୍ୟ ସନ୍ତାନଙ୍କୁ ଲଭି
ଧନ୍ୟ ଉତ୍କଳ ଜନନୀ ।
ଗୌରବୋଜ୍ଜ୍ୱଳ ଐତିହ୍ୟ ପରମ୍ପରା
ବଞ୍ଚାଇବା ଆମ କାମ
ଉତ୍ସର୍ଗୀକୃତ ସେବା ମନୋଭାବେ
ରଖିବା ତା'ର ସୁନାମ ।
ଯା' ବାଳୁତ ବୀର ଉଚ୍ଚ କରି ଶିର
ଜାତି ପାଇଁ ଦିଏ ପ୍ରାଣ
ସେହି ପବିତ୍ର ମାଟିରେ ଜନମି
ନିଜକୁ ମଣଇ ଧନ୍ୟ ।

**ବସନ୍ତ କୁମାର ପ୍ରଧାନ**
ହରିହରପୁର, ଛେଣ୍ଡିପଦା, ଅନୁଗୁଳ
ମୋ -୭୭୩୫୬୧୧୪୮୪

## ସ୍ୱାର୍ଥହିନ ମଣିଷ ପାଇଁ

ଲେଖିବାକୁ ଆଜି ଇଚ୍ଛା ହୁଏ ପୁଣି
କିଛି ପଦ ତୁମ ପାଇଁ,
କ'ଣ ଲେଖିବି କେମିତି ଲେଖିବି
ଲେଖନୀ ବି ଜାଣି ନାହିଁ ।।
ତୁମରି ମୁହଁକୁ ଦେଖିଦେଲେ ଥରେ
ସବୁ ଡର ଯାଏ ଭୁଲି,
ଜିଅନ୍ତା ଠାକୁର ତମେ ପରା ମୋର
କେମିତି ପାରିବି ଭୁଲି ।।
ସ୍ୱାର୍ଥପର ଏହି ଦୁନିଆଁ ଭିତରେ
ତମେ ଏକା ମୋର ସାହା,
ତମ ଛଡ଼ା ଏହି ଦୁନିଆଁ ଭିତରେ
କେହି ନ କରନ୍ତି ଆହା ।।
ସଂସାରକୁ ଆଣି ପରିଚୟ ଦେଲ
ସହିଲ କେତେ ଅଝଟ,
ଛୋଟ ଥିଲାବେଳେ ଦୁଷ୍ଟ ହେଉଥିଲେ
କରିଛ କେତେ ଆକଟ ।।
ମାଡ଼ ଗାଳି ତୁମେ ଦେଇଥିଲ ବୋଲି
ସମ୍ମାନ ପାଉଛି ଆଜି
ଜୀବନର ଏହି ଦୋଛକି ମୋଡ଼ରେ
ପାରିଛି ନିଜକୁ ଖୋଜି ।।
ବାପା ଶବ୍ଦଟି ଯେ ସାର୍ଥକ ହୋଇଛି
ବଳିଦାନ ତ୍ୟାଗ ପାଇଁ
କିଏ କହେ ବାପା, କିଏ କହେ
ସୁପରମ୍ୟାନ
ହେଲେ ତମେ ମୋ ପାଇଁ ଆଇରନ୍ ମ୍ୟାନ
ଅବୁଝା ଗଣିତଟିଏ ମୋ ପାଇଁ
ତୁମ ପ୍ରତିଦାନ ଅତୁଳନୀୟ ସେ
ବର୍ଣ୍ଣନା ତାହାର ନାହିଁ ।।



**ତେଜସ୍ୱିନୀ ଦେହୁରୀ**
ମାର୍ଫତ୍: ସନାତନ ଦେହୁରୀ
ଦଣ୍ଡାସିଂହା, ବାରକୋଟ, ଦେବଗଡ଼
ମୋ: ୭୨୦୫୭୦୪୬୫୦

## ବାପା

ବାପା, ତୁମେ ଦୁନିଆର ସବୁଠୁ ଭଲ,
ମୋ ପାଇଁ ଦିନରାତି କର ପରିଶ୍ରମ ।
ମୁଁ ଯାହା ମାଗେ, ତାହା ଆଣି ଦିଅ,
ତୁମ ବିନା ମୋ ଜୀବନ
ସତେ ଅନ୍ଧକାର ।
ତୁମେ ହିଁ ମୋ ହିରୋ, ମୁଁ ଜାଣିଛି,
ବାପା, ତୁମକୁ ମୁଁ ବହୁତ ଭଲପାଏ ।

**ଦେବସେନା ଅବନ୍ତିକା**
ଭୁବନେଶ୍ୱର

# ଅଙ୍ଗଦାନ ଓ ମାତୃତ୍ୱର ହୃଦୟସ୍ପର୍ଶୀ କାହାଣୀ 'ଆଫା'




ସାମ୍ପ୍ରତିକ ସମୟରେ ଓଡ଼ିଆ ସିନେମା ଜଗତରେ ଏକ ଭିନ୍ନ ସ୍ୱାଦର ଚଳଚ୍ଚିତ୍ର 'ଆଫା' ସାରା ଓଡ଼ିଶାରେ ମୁକ୍ତିଲାଭ କରିଛି। ଅଙ୍ଗଦାନର ମହାନ ବାର୍ତ୍ତା ଏବଂ ଜଣେ ମା'ର ଅକୁହା ମମତାକୁ ନେଇ ଗତିଶୀଳ ଏହି ସିନେମାର ପ୍ରିମିୟର ଶୋ' ଭୁବନେଶ୍ୱର ସ୍ଥିତ ଏସପ୍ଲାନେଡ୍ ମଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଶୋ'ରେ ସିନେ ସମୀକ୍ଷକ, ସାମ୍ବାଦିକ ଏବଂ କଳାକାରଙ୍କ ଗହଣରେ ସାଧାରଣ ଦର୍ଶକ ଏହି ଭାବପ୍ରବଣ କାହାଣୀକୁ ଦେଖି ନିଜର ଆଖିର ଲୁହ ରୋକିପାରି ନାହାନ୍ତି।

ନିର୍ଦ୍ଦେଶକ ପ୍ରୀତିରାଜ ଶତପଥୀଙ୍କ ନିର୍ଦ୍ଦେଶିତ 'ଆଫା' କୌଣସି କାଳ୍ପନିକ ଦୁନିଆର କଥା କୁହେନାହିଁ, ବରଂ ଏହା ଏକ ସାଧାରଣ ପରିବାରର ଅସାଧାରଣ ସମ୍ପର୍କର କାହାଣୀ। ପିଲାମାନଙ୍କର ବାପା-ମା'ଙ୍କ ପ୍ରତି ଥିବା ନିଷ୍କପଟ ଭଲପାଇବା ଏବଂ ସନ୍ତାନ ପାଇଁ ବାପା-ମା'ଙ୍କ ତ୍ୟାଗକୁ ଏଥିରେ ଅତି ଜୀବନ୍ତ ଭାବେ ଚିତ୍ରିତ କରାଯାଇଛି। ଚଳଚ୍ଚିତ୍ରର ମୁଖ୍ୟ ଆକର୍ଷଣ ହେଉଛି ଶିଶୁ କଳାକାର ଅନମୋଲ ପତି (ନିର୍ଦ୍ଦେଶକ ଅଶୋକ ପତିଙ୍କ କନ୍ୟା), ଯିଏ 'ପରି' ଚରିତ୍ର ମାଧ୍ୟମରେ ନିଜର ଅଭିନୟ ଯାତ୍ରା ଆରମ୍ଭ କରିଛନ୍ତି। ପରିର ମୃତ୍ୟୁ ପରେ ତାଙ୍କର ଚକ୍ଷୁଦାନ ଏବଂ ତାହାକୁ ନେଇ ସୃଷ୍ଟି ହୋଇଥିବା ପରିସ୍ଥିତି ପ୍ରତିଟି ଦର୍ଶକଙ୍କୁ ଭାବବିହ୍ୱଳ କରିଛି।

ଏହି ସିନେମାରେ ଓଡ଼ିଆ କଳା ଜଗତର ଜଣାଶୁଣା କଳାକାର କୁନା ତ୍ରିପାଠୀ, ନୈନା ଦାଶ ଏବଂ ହର ରଥ ନିଜ ନିଜ ଭୂମିକାରେ ପ୍ରଭାବଶାଳୀ ଅଭିନୟ ପ୍ରଦର୍ଶନ କରିଛନ୍ତି। ବିଶେଷ କରି ଅନମୋଲ ପତିଙ୍କ ଅଭିନୟ ସମସ୍ତଙ୍କ ହୃଦୟ ଜିତିଛି। ଜଣେ ଶିଶୁ କଳାକାର ଭାବେ ସେ ପରଦାରେ ଯେଉଁ ପରିପକ୍ୱତା ଦେଖାଇଛନ୍ତି, ତାହା ପ୍ରଶଂସନୀ। ଚଳଚ୍ଚିତ୍ରଟି ପ୍ରଥମ ଦିନରେ 'ହାଉସଫୁଲ୍' ରହିଥିବା ବେଳେ ଦର୍ଶକଙ୍କ ମତରେ ଏହି ସିନେମାର ପ୍ରକୃତ 'ହିରୋ' ହେଉଛି ଏହାର କଣ୍ଟେଣ୍ଟ ବା ବିଷୟବସ୍ତୁ। ଜଣେ ଦର୍ଶକ କାନ୍ଦି କାନ୍ଦି ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଏହି ସିନେମା ପିଲାମାନଙ୍କ ମୂଲ୍ୟବୋଧରେ ପରିବର୍ତ୍ତନ ଆଣିବ ଏବଂ ବାପା-ମା'ଙ୍କ ତ୍ୟାଗକୁ ବୁଝିବାରେ ସହାୟକ ହେବ। ଚଳଚ୍ଚିତ୍ରର ଅନୁଭୂତି ବାବଦରେ ମୁଖ୍ୟ ଚରିତ୍ର 'ପରି' ବା ଅନମୋଲ କହିଛନ୍ତି, 'ଫିଲ୍ମଟି ପ୍ରସ୍ତୁତ ହେବା ଦିନଠାରୁ ଆଜିଯାଏଁ ମୁଁ ୩ରୁ ୪ ଥର ଏହାକୁ ଦେଖିସାରିଲିଣି, କିନ୍ତୁ ପ୍ରତିଥର ଏହାର ବିଷୟବସ୍ତୁ ମୋତେ ଭାବପ୍ରବଣ କରିଛି। ଯେତେଥର ଦେଖିଛି, ମୁଁ ସେତେଥର କାନ୍ଦିଛି। ଏଥିରେ ନିଜ ଘରର କଥା, ସାମାଜିକ ବାର୍ତ୍ତା ସହ ଅନେକ ବାସ୍ତବତାକୁ ଦେଖାଯାଇଛି। ଏଭଳି ଏକ ସୁନ୍ଦର କାହାଣୀର ଅଂଶ ହୋଇଥିବାରୁ ମୁଁ ନିଜକୁ ଗର୍ବିତ ମନେ କରୁଛି।'

ସେହିପରି ଅଭିନେତ୍ରୀ ନୈନା ଦାଶ ଏହି ସିନେମାକୁ ନିଜ କ୍ୟାରିୟରର ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ଅଭିହିତ କରିଛନ୍ତି। ସେ କହିଛନ୍ତି, 'ଏହି ଫିଲ୍ମ ଭିତରେ ଜୀବନର ବାସ୍ତବତା ଓ ମୃତ୍ୟୁର ସତ୍ୟତାକୁ ଆମେ ଦେଖାଇଛୁ। ଦର୍ଶକଙ୍କ ଭଲପାଇବା ଓ ସେମାନଙ୍କ ଆଖିର ଲୁହ ମୋତେ ମଧ୍ୟ କନ୍ଦେଇଛି। ଏହା ମୋ ଯୌବନର ସବୁଠୁ ବଡ଼ ଓ ନିଆରା ଅନୁଭୂତି।' ବିଶେଷ କଥା ହେଉଛି, ଏହି ଚଳଚ୍ଚିତ୍ରରେ ନୈନା ଦାଶଙ୍କ ସ୍ୱାମୀ ପ୍ରଥମ ଥର ପାଇଁ ଜଣେ ଡାକ୍ତର ଭୂମିକାରେ ତାଙ୍କ ସହ ସ୍କ୍ରିନ୍ ସେୟାର କରିଛନ୍ତି। ସ୍ୱାମୀଙ୍କୁ ନିଜ ସଫଳତାର 'ଚାବିକାଠି' ଓ 'ଧୁରନ୍ଧର' ବୋଲି କହିବା ସହ ସେ କହିଛନ୍ତି ଯେ, 'ଆଫା' ହେଉଛି ମା' ଓ ଛୁଆର ସମ୍ପର୍କର ଏକ ଅତୁଟ ବନ୍ଧନ। ଗରୁଡ଼ ପୁରାଣ ଓ ଜଗନ୍ନାଥ ସଂସ୍କୃତିର ମହନୀୟତାକୁ ନେଇ ନିର୍ମିତ ଏହି ସିନେମା ଆଗାମୀ ଦିନରେ ଅଧିକ ଲୋକାଦୃତ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଏନେଇ ଅଭିନେତା ପ୍ରୀତିରାଜ କହିଛନ୍ତି, "୩ ବର୍ଷ ହେବ ସିନେମା ଭିତରେ ବଂଚୁଥିଲି ଆଉ ଆଜି ମୁ ଏହାର ସୁଫଳ ଦେଖିସାରିବା ପରେ ମୁ ସେ ଚରିତ୍ରରୁ ବାହାରିଛି। 'ଆଫା' ଏକ ଶକ୍ତି ,ମା ବାପା ଙ୍କର ଯାଦୁକୁ ଝପି ତେଣୁ ତାକୁ ନେଇ ପ୍ରସ୍ତୁତ ଏହି ସିନେମା ଲୋକଙ୍କ ହୃଦୟକୁ ନିଶ୍ଚୟ ଛୁଇଁବ।"

କହିରଖୁଛୁ କି, ଏହି ଚଳଚିତ୍ର ମାଧ୍ୟମରେ ପ୍ରଥମ ଥର ପାଇଁ ସଂଳାପ ଲେଖିଛନ୍ତି ବରିଷ୍ଠ ଅଭିନେତା କୁନା ତ୍ରିପାଠୀ। ଏହି ଚଳଚ୍ଚିତ୍ରରେ କୁନା ତ୍ରିପାଠୀ, ନୈନାଙ୍କ ସହ ପ୍ରୀତିରାଜ ସତପଥୀ, ହର ରଥ, ସିଦ୍ଧାର୍ଥ ତିୱାରୀ, ମୀରା ଝଞ୍ଜା ଦାସ, ସ୍ୱସ୍ତିକ ଚୌଧୁରୀ, ରବି ମିଶ୍ର, ଧରିତ୍ରୀ ଖଣ୍ଡୁଆଳ, ରାକେଶ କୁମାର ବାରିକ, ଶ୍ରିୟା, ଶ୍ରାବଣୀ ଓ ମିଭାନ୍ ସିଦ୍ଧାର୍ଥ ତିୱାରୀ ଅଭିନୟ କରିଛନ୍ତି। ଏହି ଚଳଚ୍ଚିତ୍ରରେ ଅନମୋଲ ପତି ପ୍ରଥମଥର ପାଇଁ ମୁଖ୍ୟ ଭୂମିକାରେ ପରିଚୟ ହେଉଛନ୍ତି। ଚଳଚ୍ଚିତ୍ରଟିର ପ୍ରଯୋଜନା କରିଛନ୍ତି ପ୍ରୀତିରାଜ ସତପଥୀ ଓ ନୈନା ଦାଶ ତିୱାରୀ, ସହ ପ୍ରଯୋଜନା କରିଛନ୍ତି ସିଦ୍ଧାର୍ଥ ତିୱାରୀ। ନିର୍ଦ୍ଦେଶନା ଦେଇଛନ୍ତି ପ୍ରୀତିରାଜ ସତପଥୀ, ସହ ନିର୍ଦ୍ଦେଶନାରେ ଅଛନ୍ତି ରାଜେଶ କୁମାର ବାରିକ ଓ କ୍ରିଷ୍ଣା।ଚଳଚ୍ଚିତ୍ରର ଉକ୍ସରବସ୍ପସଙ୍ଗର ଉସକ୍ସରମସ୍ପକ୍ଟକ୍ସସ୍ପ ହେଲେ ନୈନା ଦାଶ ତିୱାରୀ ଓ ସିଦ୍ଧାର୍ଥ ତିୱାରୀ ଏବଂ ସିନେମାଟୋଗ୍ରାଫି କରିଛନ୍ତି ବିଶ୍ୱଜିତ୍ କୁଲଡି।




## ରାମାୟାଣା ବନାମ ଆଦିପୁରୁଷ

ନିତେଶ ତିୱାରୀଙ୍କ ନିର୍ଦ୍ଦେଶିତ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ରାମାୟାଣା'ର ପ୍ରଥମ ଝଲକ ବା ଟିଜର ମୁକ୍ତିଲାଭ କରିବା ପରେ ଏବେ ସାରା ଦେଶରେ ଚର୍ଚ୍ଚା ଜୋର ଧରିଛି। ଏହି ଟିଜର ସାମ୍ନାକୁ ଆସିବା ପରେ ରଣବୀର କପୁରଙ୍କ ପ୍ରଭୁ ରାମ ଅବତାରକୁ ନେଇ ସାମାଜିକ ଗଣମାଧ୍ୟମରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି। ତେବେ ଏହି ଟିଜର ରିଲିଜ୍ ହେବା ମାତ୍ରେ ଅନେକ ଦର୍ଶକ ଏହାକୁ ଓମ୍ ରାଉତଙ୍କ ନିର୍ଦ୍ଦେଶିତ ପୂର୍ବ ଚଳଚ୍ଚିତ୍ର 'ଆଦିପୁରୁଷ' ସହ ତୁଳନା କରିବା ଆରମ୍ଭ କରିଛନ୍ତି।

ଟିଜର୍ ମୁକ୍ତିଲାଭ ପରେ ଅନେକ ବ୍ୟବହାରକାରୀ ଚଳଚ୍ଚିତ୍ରର ଦୃଶ୍ୟ ସଜ୍ଜା ଓ ବୈଷୟିକ କୌଶଳକୁ ନେଇ ଆଲୋଚନା କରୁଛନ୍ତି। ସାମାଜିକ ଗଣମାଧ୍ୟମରେ ଏବେ ବିଭିନ୍ନ ପ୍ରକାରର ହାସ୍ୟରସାତ୍ମକ ଚିତ୍ର ଓ ବାର୍ତ୍ତା ବୁଲୁଛି, ଯେଉଁଥିରେ 'ଆଦିପୁରୁଷ'ର ଦୃଶ୍ୟ ସହ 'ରାମାୟାଣା'ର ପରିକଳ୍ପନାକୁ ଯୋଡ଼ା ଯାଇଛି। ଦର୍ଶକମାନେ ଫିଲ୍ମର ସିନେମାଟୋଗ୍ରାଫି ଏବଂ ଅଭିନୟରେ ଥିବା ପାର୍ଥକ୍ୟକୁ ଦର୍ଶାଇଛନ୍ତି। ରଣବୀର ଏବଂ ପ୍ରଭାସଙ୍କ ଏହି ପୌରାଣିକ ଚରିତ୍ରର ପୋଷ୍ଟର ସେୟାର କରି ଜଣେ ବ୍ୟବହାରକାରୀ ଲେଖିଛନ୍ତି ଯେ, 'ରାମାୟାଣା'ର ଏହି ଟିଜର ସମୀକ୍ଷା କମ୍ ବରଂ 'ଆଦିପୁରୁଷ'ର ସମାଲୋଚନା ପରି ଅଧିକ ମନେ ହେଉଛି। 'ଆଦିପୁରୁଷ' ଚଳଚ୍ଚିତ୍ରଟି ଦର୍ଶକଙ୍କ ପାଇଁ ଏକ ଦୁଃସ୍ୱପ୍ନ ପରି ଥିଲା ବୋଲି ଅନେକ ମତ ଦେଇଛନ୍ତି।

ଆଉ ଜଣେ ଦର୍ଶକଙ୍କ ମତ ଅନୁଯାୟୀ, 'ରାମାୟାଣା'ରେ ବାସ୍ତବବାଦୀ ଆଲୋକ ଏବଂ ପ୍ରାକୃତିକ ମାଟିର ରଙ୍ଗ ବ୍ୟବହାର କରାଯାଇଛି, ଯାହା ପ୍ରତିଟି ଦୃଶ୍ୟକୁ ଜୀବନ୍ତ ଓ ମର୍ମସ୍ପର୍ଶୀ କରୁଛି। ଅନ୍ୟପକ୍ଷରେ, 'ଆଦିପୁରୁଷ' ଅତ୍ୟଧିକ କୃତ୍ରିମ ମନେ ହେଉଥିଲା, ଯାହା ସିନେମାର ବାସ୍ତବତା ଅପେକ୍ଷା କମ୍ପ୍ୟୁଟର୍ ଦ୍ୱାରା ନିର୍ମିତ ଏକ କଳ୍ପନା ଭଳି ଲାଗୁଥିଲା। ଏହି ଦୁଇ ଚଳଚ୍ଚିତ୍ର ମଧ୍ୟରେ ଥିବା ପାର୍ଥକ୍ୟକୁ ଦର୍ଶାଇ ଦର୍ଶକମାନେ କହିଛନ୍ତି ଯେ, ଗୋଟିଏ ପଟେ ପ୍ରାମାଣିକ ଏବଂ ଦିବ୍ୟ ଅନୁଭବ ମିଳୁଥିବା ବେଳେ ଅନ୍ୟଟି କେବଳ ଡିଜିଟାଲ୍ ଜ୍ଞାନକୌଶଳରେ ନିର୍ମିତ ଏକ ସାଧାରଣ ଚିତ୍ର ପରି ମନେ ହେଉଛି। ଭଗବାନ ରାମଙ୍କ ଚିତ୍ରଣ ଉପରେ ମତାମତ ଦେଇ ଆଉ ଜଣେ ୟୁଜର୍ସ ଲେଖିଛନ୍ତି ଯେ, ପ୍ରଭାସଙ୍କ ତୁଳନାରେ ରଣବୀର କପୁର ବହୁତ ଶାନ୍ତ, ଦିବ୍ୟ ଏବଂ ପରିଷ୍କୃତ ଦେଖାଯାଉଛନ୍ତି। ତାଙ୍କର କୋମଳ ହସ ଏବଂ ଆଭା ସହିତ ସେ ରାମଙ୍କ ଚରିତ୍ର ପାଇଁ ସମ୍ପୂର୍ଣ୍ଣ ଉପଯୁକ୍ତ ମନେହେଉଛନ୍ତି। ପ୍ରଭାସଙ୍କୁ ତାଙ୍କ ଲୁକ୍ ପାଇଁ ଅନେକ ସମାଲୋଚନାର ସମ୍ମୁଖୀନ ହେବାକୁ ପଡ଼ିଥିଲା। 'ରାମାୟାଣା'ର ଏହି ନୂତନ ସଂସ୍କରଣ ଚରିତ୍ରର ପ୍ରକୃତ ସାର୍ବତ୍ତା ସହିତ ଅଧିକ ସମନ୍ୱିତ ଅନୁଭବ କରୁଛି।

ସୂଚନାଯୋଗ୍ୟ ଯେ, ୧୬ ଜୁନ୍ ୨୦୨୩ରେ ମୁକ୍ତିଲାଭ କରିଥିବା 'ଆଦିପୁରୁଷ'ରେ ପ୍ରଭାସ, କ୍ରିତି ସାନନ୍ ଏବଂ ସୈଫ୍ ଅଲ୍ଲି ଖାନ ଅଭିନୟ କରିଥିଲେ। ମହାକାବ୍ୟ କାହାଣୀକୁ ବିକୃତ କରିବା, ଅଶୋଭନୀୟ ସଂଳାପ ଏବଂ ରାବଣ ଓ ହନୁମାନଙ୍କ ଚିତ୍ରଣକୁ ନେଇ ଚଳଚ୍ଚିତ୍ରଟି ଦେଶବ୍ୟାପୀ ପ୍ରବଳ ସମାଲୋଚନାର ସମ୍ମୁଖୀନ ହୋଇଥିଲା। ଏପରିକି ଏହାର ପ୍ରମାଣପତ୍ର ରଦ୍ଦ କରିବା ପାଇଁ ସୁପ୍ରିମକୋର୍ଟରେ ଆବେଦନ ମଧ୍ୟ କରାଯାଇଥିଲା, ଯାହାକୁ କୋର୍ଟ ଖାରଜ କରିଦେଇଥିଲେ। ବର୍ତ୍ତମାନ ନିତେଶ ତିୱାରୀଙ୍କ ଏହି ଭବ୍ୟ ପ୍ରୟାସ ଦର୍ଶକଙ୍କ ମନରେ ପୁଣିଥରେ ଏକ ଶୁଦ୍ଧ ଓ ପ୍ରାମାଣିକ ପୌରାଣିକ ଅନୁଭୂତିର ଆଶା ଜଗାଇଛି।

'ରାମାୟାଣା' ବିଷୟରେ କହିବାକୁ ଗଲେ, ପୌରାଣିକ ଚଳଚ୍ଚିତ୍ର ରାମାୟାଣାର ଷ୍ଟାରକାଷ୍ଟ ବିଷୟରେ କହିବାକୁ ଗଲେ, ରଣବୀର କପୁର ଫିଲ୍ମରେ 'ଶ୍ରୀରାମ' ଭୂମିକାରେ ନଜର ଆସିବେ, ଯେତେବେଳେ ସାଉଥ ଅଭିନେତ୍ରୀ ସାଇ ପଲ୍ଲବୀ ଫିଲ୍ମରେ ମାତା ସୀତା ଭୂମିକାରେ ଅଭିନୟ କରୁଛନ୍ତି। ସେମାନଙ୍କ ବ୍ୟତୀତ ୟଶ 'ଦଶାନନ ରାବଣ', ସନ୍ନି ଦେଓଲ 'ମହାବଳୀ ହନୁମାନ', ରବି ଦୁବେ 'ଲକ୍ଷ୍ମଣ', ଅରୁଣ ଗୋଭିଲ 'ରାଜା ଦଶରଥ', ଲାରା ଦତ୍ତ 'କୈକେୟୀ' ଏବଂ ରାକୁଲ ପ୍ରୀତ ସିଂହ 'ଶୂର୍ପନଖା' ଭୂମିକାରେ ନଜର ଆସିବେ। ଏହି ଫିଲ୍ମ ଦୁଇ ଭାଗରେ ରିଲିଜ୍ ହେବ। ରାମାୟାଣା ପାର୍ଟ ୧ ଏବଂ ପାର୍ଟ ୨ ର ନିର୍ଦ୍ଦେଶକ ନିତେଶ ତିୱାରୀ, ଯିଏ ଭାରତର ସର୍ବାଧିକ ଆୟକାରୀ ଫିଲ୍ମ 'ଦଙ୍ଗଲ' କରିଛନ୍ତି। ଏହାର ପ୍ରଯୋଜକ ନମିତ ମଲହୋତ୍ରା କହିଛନ୍ତି ଯେ ଫିଲ୍ମର ଉଭୟ ଭାଗର ମୂଲ୍ୟ ପ୍ରାୟ ୫୦୦ ମିଲିୟନ ଅର୍ଥାତ୍ ୪ ହଜାର କୋଟି ଟଙ୍କା ହେବ। ପ୍ରଥମ ଭାଗ ୨୦୨୬ ରେ ଏବଂ ଦ୍ୱିତୀୟ ଭାଗ ୨୦୨୭ ଦୀପାବଳିରେ ମୁକ୍ତିଲାଭ କରିବ।

Printed & Published by Shri Soubhagya Kumar Mohanty on behalf of Shri Tapan Bihari Bhanja published at Plot. No- 511, Nayapalli, Bhubaneswar -751012
Printed at Ray Publications, Plot No.17, Rajarani, Lewis Road, Bhubaneswar-751014, Mob-9439863842. E-mail: **jatiyachetana@gmail.com, jatiyachetana@yahoo.com,**
**Chief Advisor: Pradosh Pattnaik** ମୁଖ୍ୟ ଉପଦେଷ୍ଟା: ପ୍ରଦୋଷ ପଟ୍ଟନାୟକ **Editor: Tapan Bihari Bhanja** ସମ୍ପାଦକ: ତପନ ବିହାରୀ ଭଞ୍ଜ